

ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା ।
- ଲେନିନ୍

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- କସ୍ତୁରବା ନାରୀମହଲ ପକ୍ଷରୁ କୁମାର ଉତ୍ସବ ପାଳନ, କସ୍ତୁରବା ନାରୀମହଲ, ୟୁନିଟ-୧, ସକାଳ ୯ଟା ।
- ଓଡ଼ିଶା ଷ୍ଟେଟ ବ୍ୟାଡମିଣ୍ଟନ ଆସୋସିଏଶନ ପକ୍ଷରୁ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପ, ଶହୀଦ ନଗର ଇନଡୋର ହଲ, ସକାଳ ୯ଟା ।
- ଇପିଏଫ କର୍ମଚାରୀ ଫେଡେରେଶନ ପକ୍ଷରୁ ଧାରଣା, ଭବିଷ୍ୟନିଧି ଭବନ, ଜନପଥ, ପୂର୍ବାହ୍ନ ୯ଟା ୩୦ରୁ ସନ୍ଧ୍ୟା ୬ଟା ।
- ଓଡ଼ିଶା ଲୋକଦଳ ପକ୍ଷରୁ ଗଣଧାରଣା, ଭିଜିଲାନ୍ସ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖ, ସୂର୍ଯ୍ୟନଗର, ପୂର୍ବାହ୍ନ ୧୧ଟା ୩୦ ।
- ଚିନ୍ତା ଓ ଚେତନା ଅନୁଷ୍ଠାନ ପକ୍ଷରୁ ୪୧ତମ ବର୍ଷା ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ।
- ଦୂରଦର୍ଶୀ ପକ୍ଷରୁ ଦୂରଦର୍ଶୀ କ୍ରୀଡ଼ା ସମ୍ମାନ ପ୍ରଦାନ ଓ ଆଲୋଚନାଚକ୍ର, ଉତ୍କଳ ଅଡିଟୋରିୟମ, ସନ୍ଧ୍ୟା ୬ଟା ।
- ଫିଲ୍ମ ବିଶ୍ୱରୂପର ଅଡିଓ ରିଲିଜ୍, ହୋଟେଲ ପୁଷ୍ପକ, କଳ୍ପନା ଛକ, ସନ୍ଧ୍ୟା ୭ଟା ୩୦ ।

## ଅର୍ଚ୍ଚିତାଙ୍କୁ 'ଅମ୍ରିଶ୍ ପୁରୀ' ଆୱାର୍ଡ



ଭୁବନେଶ୍ୱର,୨୭।୮(ବ୍ୟୁରୋ)- ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତ୍ରୀ ଅର୍ଚ୍ଚିତା ସାହୁ ୨୦୧୯ ପାଇଁ ଅମ୍ରିଶ ପୁରୀ ଆୱାର୍ଡ ଅଫ୍ ଏକ୍ସଲେନ୍ସ ଗ୍ରହଣ କରିଛନ୍ତି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ଅର୍ଚ୍ଚିତା କଳା ଓ ସଂସ୍କୃତି କ୍ଷେତ୍ରରେ ଉତ୍କର୍ଷ ଲାଗି ଏହି ପୁରସ୍କାର ପାଇଛନ୍ତି। ପ୍ରଥମ ଓଡ଼ିଆଭାବେ ସେ ଏହି ସମ୍ମାନଜନକ ପୁରସ୍କାର ପାଇବାରେ ସଫଳ ହୋଇଛନ୍ତି। ଏଲ୍‌ଇଇ କ୍ଲବ୍ ଦ୍ୱାରା ଗତ ୨୫ ତାରିଖରେ ଆୟୋଜିତ ଏହି କାର୍ଯ୍ୟକ୍ରମର ୨୨ତମ ସଂସ୍କରଣ ଅନୁଷ୍ଠିତ ହୋଇଥିଲା। ବଲିଉଡ୍ ଅଭିନେତ୍ରୀ ଅମ୍ରିତା ରାଓ, ଅମିଶା ପଟେଲ, ଆୟୁବ୍ ଖାନ୍, ସାହାବ ଖାନ୍, ମୁକେଶ ଛାବ୍ରା, କୋରିଓଗ୍ରାଫର ସମିତା ବୋଷ, ଏଲ୍‌ଇଇ କ୍ଲବ୍‌ର ସଭାପତି ପୁଷ୍କର ମେହେଟା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବାବେଳେ ଅର୍ଚ୍ଚିତାଙ୍କୁ ସମସ୍ତେ ଶୁଭକାମନା ଜଣାଇଥିଲେ।

## ହନୁମାନ ପଇସା, ମୋବାଇଲ ଜବତ: ୪ ଗିରଫ



**ଚୌଦ୍ୱାର, ୨୭।୮(ଡି.ଏନ.ଏ.):** ହନୁମାନ ପଇସା କାରବାରରେ ସମ୍ପୃକ୍ତି ଥିବା ଏକ ର୍ୟାକେଟ୍‌ର ୪ଜଣଙ୍କୁ ଚୌଦ୍ୱାର ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲଣ କରିଛି। ସେମାନେ ହେଲେ ନୟାଗଡ ଜିଲା ଫତେଗଡ ଥାନା ଅଧୀନ ବନମାଳିପୁର ଗ୍ରାମର ପ୍ରକାଶ କୁମାର ପତି, ନୟାଗଡ ସାଇବିହାରର ପ୍ରଭାସ ବେହେରା, ଚୌଦ୍ୱାର ଥାନା ଆଗ୍ରାହାଟର ପ୍ରଫୁଲ୍ଲ ନାୟକ ଓ ମଙ୍ଗରାଜପୁର ପଞ୍ଚାୟତ ଆମ୍ବିଳିଝରି ଗାଁର ପିତବାସ ଭଦ୍ର। ସେମାନଙ୍କ ପାଖରୁ ଦୁଇଟି ହନୁମାନ ପଇସା, ୨ଟି ମୋବାଇଲ, ୨ଟି ପାନ୍‌କାର୍ଡ ଓ ୫ଟି ଏଟିଏମ୍ କାର୍ଡ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୨୮୩/୧୯) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ୨୭ ତାରିଖ ସକାଳେ ଏସ୍‌ଆଇ ମାନସ କୁମାର ମହାରଣାଙ୍କ ସମେତ ପାଟ୍ରୋଲିଂ ଟିମ୍ ଡ୍ୟୁଟିରେ ଥିବାବେଳେ ଆମ୍ବିଳିଝରି ଗାଁରେ ରହୁଥିବା ପିତବାସଙ୍କ ଘରେ ହନୁମାନ ପଇସା କିଣାବିକାକୁ ନେଇ ମସୁଧା ଚାଲିଥିବା ଖବର ପାଇଥିଲେ। ପରେ ପୋଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଆଇଆଇସି ପଦ୍ମନାଭ ପ୍ରଧାନ କହିଛନ୍ତି।




ଚିନ୍ତା ଓ ଚେତନାର ବର୍ଷା ଉତ୍ସବରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟ ଅତିଥିଙ୍କ ଗହଣରେ ସମ୍ମାନିତ ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର।

# ବର୍ଷାରେ ଭିଜିଲା ପ୍ରକୃତି...

**ଭୁବନେଶ୍ୱର,୨୭।୮(ବ୍ୟୁରୋ)**

ରିମ୍‌ଝିମ୍ ଶବ୍ଦ କରି ବର୍ଷାର ଟୋପା ଭୂମିକୁ ସ୍ପର୍ଶ କଲେ ଖେଳିଯାଏ ଏକ ଅପୂର୍ବ ଉନ୍ମାଦନା। ମୟୂରର ନୃତ୍ୟରେ ଋତୁରାଣୀ ବର୍ଷା ମହ୍ଲାର ଗାଇ ଧରାବତରଣ କରେ। ବର୍ଷା କେବେ ପ୍ରକୃତିକୁ ଶସ୍ୟଶ୍ୟାମଳା କରେ ତ କେବେ ପୁଣି ବନ୍ୟାର ବିଭୀଷିକାରେ ତାଣ୍ଡବ ରଚେ। ପ୍ରକୃତିରେ ବର୍ଷାର ଏଭଳି ଅଭିସାରକୁ ନେଇ ବର୍ଷା ଉତ୍ସବର ଆର୍ଦ୍ର ଓ ସିକ୍ତ ଅନୁଭବରେ ଭିଜିଥିଲା ରବୀନ୍ଦ୍ର ମଣ୍ଡପ। ଋତୁରାଣୀ ବର୍ଷାର ଅନନ୍ୟ ମହ୍ଲାର ନେଇ 'ଚିନ୍ତା ଓ ଚେତନା' ପକ୍ଷରୁ ଆୟୋଜିତ ୪୧ତମ ବର୍ଷା ଉତ୍ସବ ମଙ୍ଗଳବାର ମହାଆଡମ୍ବରର ସହ ଉଦ୍‌ଘାଟିତ ହୋଇଥିବାବେଳେ ୩ଦିନିଆ ଉତ୍ସବର ପ୍ରଥମ ସନ୍ଧ୍ୟାରେ ନୃତ୍ୟରେ ବେଶ୍ କିଛି ସମୟ ଧରି ଭିଜାଇଥିଲେ ଶିଳ୍ପୀ।

ସନ୍ଧ୍ୟାରେ ଅତିଥିଭାବେ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସ୍ୱାମୀ ରାମନାରାୟଣ ବାବା, ପୂର୍ବତନ ମୁଖ୍ୟ ଶାସନ ସଚିବ ଡ. ସହଦେବ ସାହୁ, କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ, ଶିଳ୍ପପତି ତଥା ସାମାଜିକ କର୍ମୀ ମହେନ୍ଦ୍ର କୁମାର ଗୁପ୍ତା, କବି ତଥା ମୋଟିଭେଶନାଲ ସ୍ପିକର ଶ୍ରୀକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ଲାଗି ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। କଳା କ୍ଷେତ୍ରରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର, ହସ୍ପିଟାଲିଟି କ୍ଷେତ୍ରରେ ସତ୍ୟବ୍ରତ ମହାନ୍ତି, ସଙ୍ଗୀତ କ୍ଷେତ୍ରରେ କଣ୍ଠଶିଳ୍ପୀ ଡ. ଆଦ୍ୟାଶା ଦାସ, ଡ. ନାଜିଆ ଆଲମ୍, କେ. କ୍ରିଷ୍ଣନ୍, କେ.

### ୧୬ ବ୍ୟକ୍ତିତ୍ୱଙ୍କୁ ରାଷ୍ଟ୍ରୀୟ ଚିନ୍ତା ଓ ଚେତନା ସମ୍ମାନ

ମୋହନ, ସତୀଶ ରାଘବନ୍, ପି.ପି କ୍ରିଷ୍ଣନ୍, ସାହସିକତା କ୍ଷେତ୍ରରେ ଦୟାନିଧି ତନ୍ତୀ, ଦେବଦତ୍ତ ସ୍ୱାଇଁ, ପର୍ଯ୍ୟଟନ ଓ ସଂସ୍କୃତି କ୍ଷେତ୍ରରେ ଅକ୍ଷୟ କୁମାର ପାତ୍ର, ଶିଳ୍ପ କ୍ଷେତ୍ରରେ ମହେନ୍ଦ୍ର କୁମାର ଗୁପ୍ତା, ଶିକ୍ଷା କ୍ଷେତ୍ରରେ ଡ. ସସ୍ମିତା ତ୍ରିପାଠୀ, ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଶ୍ରାବଣୀ ମିତ୍ର, ପାଲା ଗାୟନରେ ଗାୟକ ସମ୍ରାଟ ପ୍ରହଲ୍ଲାଦ ସାହୁ ଏବଂ ଡ୍ୟାନ୍ସିଂ ଟ୍ରାଫିକ୍ ପୋଲିସ୍ କିଶୋର ଚନ୍ଦ୍ର ହୋତାଙ୍କୁ 'ରାଷ୍ଟ୍ରୀୟ ଚିନ୍ତା ଓ ଚେତନା ସମ୍ମାନ-୨୦୧୯'ରେ ସମ୍ମାନିତ କରାଯାଇଥିଲା।

ପ୍ରାରମ୍ଭିକ ସଭାପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଖ୍ୟାତନାମା ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ରଙ୍କ ଦ୍ୱାରା କାଳିଦାସଙ୍କ ଋତୁ ସଂହାର ଉପରେ ଆଧାରିତ ବର୍ଷାର ଆଗମନକୁ ନେଇ ନୃତ୍ୟ ପରିବେଷିତ ହୋଇଥିଲା। ୨୦ ମିନିଟ୍‌ର ଏହି ନୃତ୍ୟରେ ଗୁରୁ ରତିକାନ୍ତ ମହାପାତ୍ର ନୃତ୍ୟ ନିର୍ଦ୍ଦେଶନା ଦେଇଥିବାବେଳେ ପଣ୍ଡିତ ରଘୁନାଥ ପାଣିଗ୍ରାହୀ ସଙ୍ଗୀତ ସଂଯୋଜନା କରିଥିଲେ। ଶେଷରେ ଗୁରୁ ଡ. ଗଜେନ୍ଦ୍ର ପଣ୍ଡାଙ୍କ ଦ୍ୱାରା 'ତ୍ରିଧାରା' ପକ୍ଷରୁ 'ବର୍ଷା ବର୍ଣ୍ଣାଳୀ' ପରିବେଷିତ ହୋଇଥିଲା। ଚିନ୍ତା ଓ ଚେତନାର ମହାସଚିବ ସୁରେନ୍ଦ୍ର ଦାସ ସ୍ୱାଗତ ଭାଷଣ ଓ ପ୍ରଫେସର ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଏହି କାର୍ଯ୍ୟକ୍ରମର ମିଡ଼ିଆ ପାର୍ଟନର ଥିଲା।

### ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଉଦ୍‌ଘାଟିତ

# ଓଡ଼ିଶା ହସ୍ତତନ୍ତର ପସରା

**ଭୁବନେଶ୍ୱର,୨୭।୮(ବ୍ୟୁରୋ)**



ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଏକ ଷ୍ଟଲରେ ଶାଢ଼ି ଦେଖୁଛନ୍ତି।

କେନ୍ଦ୍ରୀୟ ହସ୍ତତନ୍ତ ମନ୍ତ୍ରଣାଳୟ ଏବଂ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ମିଳିତ ଆନୁକୂଲ୍ୟରେ ଏକ ସ୍ୱତନ୍ତ୍ର ହସ୍ତତନ୍ତ ମେଳା ମଙ୍ଗଳବାର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ମେଳାକୁ ଉଦ୍‌ଘାଟନ କରିବା ସହ ଉତ୍କଳିକା, ବୟନିକା, ଅମ୍ଲାନ୍, ସମ୍ବଲପୁରୀ ବସ୍ତ୍ରାଳୟ ଏବଂ ବିଭିନ୍ନ ହସ୍ତତନ୍ତ ସମବାୟ ସମିତିର ଷ୍ଟଲଗୁଡ଼ିକୁ ବୁଲି ଦେଖିଥିଲେ। ବୁଣାକାରଙ୍କ ସହ ଆଲୋଚନା କରି ହସ୍ତତନ୍ତ ତିଆରି ପ୍ରଣାଳୀର ଆଧୁନିକୀକରଣ ଏବଂ ବିକ୍ରିବଟା ସମ୍ପର୍କରେ ଆଲୋଚନା କରିଥିଲେ। ସେ କହିଲେ, ଓଡ଼ିଶାରେ ୩୦ରୁ ୩୫ ପ୍ରକାର ହସ୍ତତନ୍ତ ବସ୍ତ୍ର ଓ ଅନ୍ୟାନ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଉଛି, ଯାହାକି ଦେଶ ଓ ବିଦେଶରେ ବିଶେଷ ଲୋକପ୍ରିୟତା ହାସଲ କରିଛି। ବୁଣାକାରଙ୍କୁ ସେମାନଙ୍କ ଉତ୍ପାଦର ଉଚିତ ମୂଲ୍ୟ ଦେବାପାଇଁ ବଜାର ସୁଯୋଗ ସୃଷ୍ଟି ସହ ବିକ୍ରିବଟା ପାଇଁ ସଂଯୋଗୀକରଣ କରାଇବା ଉପରେ ରାଜ୍ୟ ସରକାର ଅଗ୍ରାଧିକାର ଦେଉଛନ୍ତି। ଏଭଳି ସ୍ୱତନ୍ତ୍ର ମେଳାର ଆୟୋଜନ ଏ ଦିଗରେ ସହାୟକ ହେଉଥିବା ତ୍ରିପାଠୀ କହିଥିଲେ। ଏହି ଅବସରରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଶାସନ ସଚିବ ଶୁଭା ଶର୍ମା ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସହ ମୁଖ୍ୟ ଶାସନ ସଚିବ ଆଲୋଚନା କରି ଓଡ଼ିଶା ହସ୍ତତନ୍ତର ଆଧୁନିକୀକରଣ, ଉତ୍ପାଦନ ଏବଂ ବିକ୍ରିବଟା ବୃଦ୍ଧି ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ଆପଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସେପ୍ଟେମ୍ବର ୧୦ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳା ପୂର୍ବାହ୍ନ ୧୧ଟାରୁ ରାତି ୯ଟା ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଇଁ ଖୋଲା ରହିବ। ସମ୍ବଲପୁରୀ, ମାଣିଆବନ୍ଧ, ଖଣ୍ଡୁଆ, ଟସର, ବମକାଇ, ସୋନପୁରୀ, କୋଟପାଡ଼ ଭଳି ଓଡ଼ିଶାର ହସ୍ତତନ୍ତ ବସ୍ତ୍ର ଏଠାକାର ମୁଖ୍ୟ ଆକର୍ଷଣ ରହିଛି। ଉତ୍ସବରେ ବୟନିକା ସଭାପତି ଶେଷ କୁମାର ମେହେର, ପରିଚାଳନା ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ, ଅତିରିକ୍ତ ସଚିବ ବୃନ୍ଦାବନ ବେହେରା, ଉତ୍କଳିକାର ଏମ୍.ଡି. ସତ୍ୟ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଯୁକ୍ତ୨ ସାଇନ୍ସ କଲେଜ ହଷ୍ଟେଲରେ ଛାତ୍ର ମୃତ୍ୟୁ ମାମଲା

## କ୍ଷତିପୂରଣ, କାର୍ଯ୍ୟାନୁଷ୍ଠାନ ଦାବିରେ ଏନ୍‌ଏଚ୍‌ଆର୍‌ସିରେ ପିଟିଶନ

**ଭୁବନେଶ୍ୱର, ୨୭।୮(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ଯୁକ୍ତ ୨ ସାଇନ୍ସ କଲେଜ ହଷ୍ଟେଲରେ ଜୁଲାଇ ୩ରେ ଜଣେ ଛାତ୍ରଙ୍କ ସନ୍ଦେହଜନକ ଅବସ୍ଥାରେ ମୃତଦେହ ମିଳିଥିଲା। ମୃତ ଛାତ୍ରଜଣକ ଥିଲେ ଭଦ୍ରକ ଭଣ୍ଡାରିପୋଖରୀ ଅଞ୍ଚଳର ରଞ୍ଜିତ ରାଉତ(୧୮)। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପା ହିଟ୍‌ଲର ଥାନାରେ ଅଭିଯୋଗ କରିଥିଲେ। ମଙ୍ଗଳବାର ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ହିମାଂଶୁ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, ମୃତ ରଞ୍ଜିତଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ୪ ସପ୍ତାହ ମଧ୍ୟରେ ଦେବାକୁ ରାଜ୍ୟ ମୁଖ୍ୟ ଶାସନସଚିବଙ୍କୁ ନିର୍ଦ୍ଦେଶ ଦିଆଯାଉ। ଉକ୍ତ ଘଟଣାର ନିରପେକ୍ଷ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଡିଜିପିଙ୍କୁ ନିର୍ଦ୍ଦେଶ ଦେବାକୁ ସେ ନିବେଦନ କରିଛନ୍ତି।

# ବିଶ୍ୱ ଯୁବ ସମ୍ମିଳନୀରେ ଓଡ଼ିଆ ଝିଅ

**ଭୁବନେଶ୍ୱର,୨୭।୮(ବ୍ୟୁରୋ)**




ପୂଜା ମିଶ୍ର

ଭାରତରେ ପ୍ରଥମଥର ପାଇଁ ଆୟୋଜିତ ହୋଇଥିବା ବିଶ୍ୱ ଯୁବ ସମ୍ମିଳନୀ (ୱାର୍ଲଡ ୟୁଥ୍ କନ୍‌ଫରେନ୍ସ ଅନ୍ କାଇଣ୍ଡ୍‌ନେସ୍)ରେ ଏକମାତ୍ର ଓଡ଼ିଆଭାବେ ଯୋଗ ଦେଇଛନ୍ତି ମଡେଲ ତଥା ଯୁବ ସ୍ୱେଚ୍ଛାସେବୀ ପୂଜା ମିଶ୍ର। ଗତ ୨୩ ଓ ୨୪ ତାରିଖ ଦୁଇଦିନ ଧରି ନୂଆଦିଲ୍ଲୀରେ ଚାଲିଥିବା ଏହି ସମ୍ମିଳନୀରେ ପୂଜା ଭାରତରୁ ପ୍ରତିନିଧିତ୍ୱ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ୟୁନେସ୍କୋ ଏବଂ ମହାତ୍ମା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ ଫର୍ ପିସ୍ ଆଣ୍ଡ୍ ସଷ୍ଟେନେବୁଲ୍ ଡେଭଲପ୍‌ମେଣ୍ଟ(ଏମ୍‌ଜିଆଇପି) ଦ୍ୱାରା ଆୟୋଜିତ ଏହି ସମ୍ମିଳନୀରେ ମୋଟ ୨୭ ରାଷ୍ଟ୍ରରୁ ୬୦ଜଣ ଗ୍ଲୋବାଲ୍ ଲିଡର ଯୋଗଦେଇଥିବାବେଳେ ଭାରତରୁ ୮ଜଣ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରୁ ଏକମାତ୍ର ପ୍ରତିନିଧି ଭାବେ ପୂଜା ଯୋଗଦେଇ ନିଜ କାର୍ଯ୍ୟ ମାଧ୍ୟମରେ କିଭଳି ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିହେବ ତାହାଉପରେ ଉପସ୍ଥାପନ କରିଥିଲେ।

'ବସୁଧୈବ କୁଟୁମ୍ବକମ୍' ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ସମ୍ମିଳନୀରେ ଯୁବପିଢ଼ିଙ୍କ ମାଧ୍ୟମରେ ବିଶ୍ୱରେ ଶାନ୍ତିପ୍ରତିଷ୍ଠା ପାଇଁ ବାର୍ତ୍ତା ଦିଆଯାଇଥିଲା। ବର୍ତ୍ତମାନର ପିଢ଼ି ଏବଂ ଆଗାମୀ ପିଢ଼ି କିଭଳି ସମାଜରେ ନିରନ୍ତର ଶାନ୍ତି ଓ ସୌହାର୍ଦ୍ଦ୍ୟ ଆଣିପାରିବେ ତାହାଉପରେ ଅଗଷ୍ଟ ୧୯ରୁ ସ୍ୱତନ୍ତ୍ର ସେସନ୍ ମାଧ୍ୟମରେ ବୁଝାଯାଇଥିଲା। ୨୩ ତାରିଖରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ତେବେ ଏଫ୍‌ବିବି ଫେମିନା ମିସ୍ ଇଣ୍ଡିଆ ଫାଇନାଲିଷ୍ଟ ହେବାସହ ମିସ୍ ଓଡ଼ିଶା, ମିସ୍ ରୂପଶ୍ରୀ ଟାଇଟଲ୍ ଜିତିଥିବା ପୂଜା ପୂର୍ବରୁ ଭାରତ-ମାଲ୍‌ଦୀଭ୍‌ସ ୟୁଥ୍ ଏକ୍ସଚେଞ୍ଜ୍ ପ୍ରୋଗ୍ରାମରେ ମାଲଦୀଭ୍‌ସ ପାଇଁ ପ୍ରଥମ ଇଣ୍ଡିଆନ୍ ଆମ୍ବାସାଡାର ହୋଇଥିଲେ। ଏହାସହ ସେ କିନ୍ନର, ଭିନ୍ନକ୍ଷମ ଏବଂ ହ୍ୱିଲ୍ ଚେୟାର ବ୍ୟବହାରକାରୀଙ୍କ ର୍ୟାମ୍ପ୍ ଆୟୋଜନ କରି ନିଆରା ଉଦାହରଣ ସୃଷ୍ଟି କରିଥିଲେ। ବର୍ତ୍ତମାନ ସେ ଜନଜାତି ପିଲାଙ୍କ ପାଇଁ କାମ କରୁଥିବା ବେଳେ କିସ୍ ଓ କିଟ୍‌ର ବିଭିନ୍ନ ଟ୍ରାଇବାଲ୍ ପ୍ରୋଜେକ୍ଟ ସହ ଜଡ଼ିତ ଅଛନ୍ତି। ଆଗାମୀଦିନରେ ଉଭୟ ମଡେଲିଂ ଓ ସାମାଜିକ କାମ ସହ ନିଜକୁ ଯୋଡ଼ି ରଖିବାକୁ ଲକ୍ଷ୍ୟ ରଖିଥିବା ପୂଜା କହିଛନ୍ତି, ମୁଁ ୩ ମାସ ତଳେ ବାପାଙ୍କୁ ହରାଇଛି। ଏଭଳି ଏକ ମାନସିକ ଅବସ୍ଥାରେ ୱାର୍ଲଡ ୟୁଥ୍ କନ୍‌ଫରେନ୍ସ ଅନ୍ କାଇଣ୍ଡନେସ୍‌ରେ ପ୍ରତିନିଧିତ୍ୱ କରିବାର ସୁଯୋଗ ମୋ ପାଇଁ ଆଶୀର୍ବାଦ ସଦୃଶ ଥିଲା। ମଡେଲିଂ ଅର୍ଥ କେବଳ ଛୋଟ କପଡ଼ା ପିନ୍ଧି ର୍ୟାମ୍ପ୍‌ରେ ଚାଲିବା ନୁହେଁ କି ସୋଫିଷ୍ଟିକେଟେଡ୍ ଲୋକଙ୍କ ପାଇଁ ନୁହେଁ। ଜଣେ ସାଧାରଣ ଲୋକ ଚାହିଁଲେ ବି ମଡେଲିଂ କରିପାରିବ। ଆଗାମୀଦିନରେ ମୁଁ ସେଭଳି ଲୋକଙ୍କୁ ମଡେଲିଂ ଦୁନିଆକୁ ଆଣିବାକୁ ଉଦ୍ୟମ କରିବି ବୋଲି ପୂଜା କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ସବ୍ୟସାଚୀ



କୃଷ୍ଣଚନ୍ଦ୍ର



ଜଗତ



ଦିଗ୍‌ବିଜୟୀ



ସନ୍ତୋଷ



ଉପେନ୍ଦ୍ର



କାଳୀ



ସୌମ୍ୟ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



ମଠ ପରିସରରୁ ଆସବାବପତ୍ରକୁ ଟ୍ରାକ୍ଟରରେ ବୁହାଯାଉଛି।



ମଠ ପରିସରରେ ଥିବା ଦୋକାନରୁ ଖଜାଗୁଡ଼ିକୁ ଜେସିବିରେ ବୁହାଯାଉଛି।



ମାଟିରେ ମିଶିଯାଇଥିବା ଲଙ୍ଗୁଳି ମଠର ଧୂନିକୁଣ୍ଡ।



ଲଙ୍ଗୁଳି ମଠ ଭଙ୍ଗାଯିବା ପରେ ଆସବାବପତ୍ର ସହ ଜଣେ ଅନ୍ତେବାସୀ।

## ଜିଲା ପ୍ରଶାସନର ହସ୍ତଗତ ହେଲା ସରକାରୀ ନିର୍ଦ୍ଦେଶନାମା

# ୭୫ ମିଟର ଉଚ୍ଛେଦ ପାଇଁ ଆଜିଠୁ ସର୍ଭେ

ପୁରୀ ଅଫିସ,୨୭।୮

ଶ୍ରୀମନ୍ଦିର ସୁରକ୍ଷା ପାଇଁ ମେଘନାଦ ପାଚେରିଠାରୁ ୭୫ ମିଟର ପରିଧି ମଧ୍ୟରେ ଥିବା ନିର୍ମାଣ ଉଚ୍ଛେଦ ଲାଗି ସରକାରୀ ନିର୍ଦ୍ଦେଶନାମା ମଙ୍ଗଳବାର ଜିଲା ପ୍ରଶାସନର ହସ୍ତଗତ ହୋଇଛି। ତେଣୁ ବୁଧବାରଠାରୁ ଏଥିଲାଗି ସର୍ଭେ ଆରମ୍ଭ କରାଯିବ। ୭୫ ମିଟର ମଧ୍ୟରେ କେତେ ଘର, କେତେ ବ୍ୟବସାୟ ପ୍ରତିଷ୍ଠାନ ଏବଂ ମଠ, ମନ୍ଦିର ରହିଛି ତାହା ଆକଳନ ହେବ। ସର୍ଭେ ପରେ ସବିଶେଷ ରିପୋର୍ଟ ଓ ଥଇଥାନର ରୂପରେଖ ୭ଦିନ ମଧ୍ୟରେ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ। ଅସୁରକ୍ଷିତ କୋଠା ଉଚ୍ଛେଦ କାର୍ଯ୍ୟ ଜାରି ରହିବ ବୋଲି ଜିଲାପାଳ ବଲୱନ୍ତ ସିଂ ସୂଚନା ଦେଇଛନ୍ତି।

ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ସିଂ ୭୫ମିଟର ଉଚ୍ଛେଦ ସଂକ୍ରାନ୍ତରେ ସବିଶେଷ ବିବରଣୀ ପ୍ରଦାନ କରିଛନ୍ତି। ସେ କହିଛନ୍ତି, ବୁଧବାରଠାରୁ ସର୍ଭେ ଆରମ୍ଭ ହେବ। ଏହାପରେ ଜମି ଅଧିଗ୍ରହଣ ନିୟମ ଅନୁଯାୟୀ ଜମି ଅଧିଗ୍ରହଣ କରାଯିବ। ଏଥିରେ ସାଧାରଣତଃ ୩ ପ୍ରକାର ଅର୍ଥାତ ମଠ ମନ୍ଦିର, ବ୍ୟବସାୟ ପ୍ରତିଷ୍ଠାନ ଏବଂ ବ୍ୟକ୍ତିଗତ ଲୋକଙ୍କ ଜମି ରହିଛି। ସମସ୍ତଙ୍କୁ ଉପଯୁକ୍ତ ଥଇଥାନ କରାଯିବ। କ୍ଷତିଗ୍ରସ୍ତ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ବର୍ତ୍ତମାନ ବଡ଼ଦାଣ୍ଡରେ ଥଇଥାନ କରାଯିବାକୁ ଯୋଜନା ହୋଇଛି। ଜଗନ୍ନାଥ ବଲ୍ଲଭରେ ନିର୍ମିତ ୩୯ଟି ଦୋକାନ ଘର ମଧ୍ୟରୁ ଅନେକ ଦୋକାନ ନେଇଥିଲେ ମଧ୍ୟ ବ୍ୟବସାୟ କରୁନାହାନ୍ତି। ଆଉ କେତେଜଣ ଭଡ଼ା ଦେଉନାହାନ୍ତି। ସେମାନଙ୍କୁ ନୋଟିସ୍ ଦିଆଯାଇଛି। ଆବଶ୍ୟକସ୍ଥଳେ ସେମାନଙ୍କ ଚୁକ୍ତି ବାତିଲ କରାଯାଇ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ଦିଆଯିବ। ଏତଦ୍‌ବ୍ୟତୀତ ଜଗନ୍ନାଥ ବଲ୍ଲଭ ଓ ଯାତ୍ରୀକାରେ ମାର୍କେଟ କମ୍ପ୍ଲେକ୍ସ ତିଆରି ହେବ। ବର୍ତ୍ତମାନ ନିର୍ମାଣ ଚାଲିଥିବା ହବିଷିଆଳି କେନ୍ଦ୍ର ଓ ପୁରୁଣା ଜେଲ୍ ପରିସର ଭକ୍ତ ନିବାସ ତଳେ ମଧ୍ୟ ବ୍ୟବସାୟୀଙ୍କୁ ଥଇଥାନ କରାଯିବ। କୌଣସି ଦୋକାନୀ ଏଥିରୁ ବାଦ୍ ପଡ଼ିବେ ନାହିଁ। ୭୫ମିଟର ମଧ୍ୟରେ ଥିବା ମଠ ଓ ମନ୍ଦିରରେ ପୂଜା ପାଉଥିବା ଦେବଦେବୀଙ୍କ ବିଜେସ୍ଥଳୀକୁ ଭଙ୍ଗାଯିବନାହିଁ। ଏହି ବିଜେସ୍ଥଳୀକୁ ବାଦ୍ ଦେଇ ଅନ୍ୟ ସବୁନିର୍ମାଣ ଭଙ୍ଗାଯିବ। କ୍ଷତିଗ୍ରସ୍ତ ମଠଗୁଡ଼ିକୁ ଶ୍ରୀମନ୍ଦିର ନିକଟରେ ଅର୍ଥାତ୍ ୭୫ମିଟର ପରେ ଥଇଥାନ କରାଯିବ। ଏକାଧିକ ମଠର ଜାଗା ୭୫ମିଟରଠାରୁ ଆହୁରି ଅଧିକ ପଛକୁ ରହିଛି। ସେହିସବୁ ଜାଗାକୁ ଅଧିଗ୍ରହଣ କରାଯିବ। ଅନ୍ୟ କ୍ଷତିଗ୍ରସ୍ତ ମଠର ମହନ୍ତ, ଶିଷ୍ୟ, ପୂଜକ ଏବଂ ସାଧୁସନ୍ଥଙ୍କ ରହିବା ଲାଗି ସେଠାରେ ଛୋଟ ଛୋଟ ଘର ତିଆରି କରାଯାଇ ସେମାନଙ୍କୁ ଥଇଥାନ କରାଯିବ।

ସେହିପରି ୭୫ମିଟରେ ମଧ୍ୟରେ ରହିଥିବା ବାସଗୃହକୁ ଉଚ୍ଛେଦ କରାଯାଇ ଜମି ଅଧିଗ୍ରହଣ ହେବ। ଏଥିରେ କ୍ଷତିଗ୍ରସ୍ତମାନଙ୍କୁ ଉପଯୁକ୍ତ ଥଇଥାନ କରାଯିବ। ଯେଉଁମାନଙ୍କର ଘର ଭାଙ୍ଗିବ ସେମାନେ ଚାହିଁଲେ କ୍ଷତିପୂରଣ ବାବଦ ଅର୍ଥ ନେଇପାରିବେ। ନଚେତ ଯଦି ଚାହିଁବେ ସେମାନଙ୍କୁ ଜାଗା କିମ୍ବା ଘର ଯୋଗାଇ ଦିଆଯିବ। କ୍ଷତିଗ୍ରସ୍ତ ଲୋକଙ୍କୁ ଜାଗା ଓ ଘର ଯୋଗାଇଦେବା ପାଇଁ ସରକାରୀସ୍ତରରେ ସହର ମଧ୍ୟରେ ଥିବା ୩ଟି ମଠ ଗୋପାଳତୀର୍ଥ, ମହୀପ୍ରକାଶ ଏବଂ ଅଲାରକୋଟର ଜମି ଅଧିଗ୍ରହଣ କରାଯିବ। କ୍ଷତିଗ୍ରସ୍ତ ଲୋକେ ଯେଉଁମାନେ ଜମି ନେବାକୁ ଇଚ୍ଛା କରିବେ ସେମାନଙ୍କୁ ଏଠାରେ ଜମି ଦିଆଯିବ। ଯଦି ଘର ଚାହିଁବେ ତେବେ ଅତିବେଶିରେ ୨ବର୍ଷ ମଧ୍ୟରେ ଘର ତିଆରି କରି ଦିଆଯିବ। ଘର ବଦଳରେ ଘର ନେବାକୁ ଚାହୁଁଥିବା କ୍ଷତିଗ୍ରସ୍ତମାନଙ୍କୁ ଏହି ସମୟରେ ଘର ଭଡ଼ା ଦିଆଯିବ। ଘର ଖାଲି କରିବା ଲାଗି କ୍ଷତିଗ୍ରସ୍ତଙ୍କୁ ପରିବହନ ଖର୍ଚ୍ଚ ଦିଆଯିବ। ଉକ୍ତ ୭୫ ମିଟର ମଧ୍ୟରେ ପ୍ରାୟ ୧୭୦ଟି ବାସଗୃହ, ୫୦ଟି ଦୋକାନ ଏବଂ ଲଜ୍ଂ ରହିଛି।

- ■ କ୍ଷତିଗ୍ରସ୍ତ ଲୋକେ ଚାହିଁଲେ ଟଙ୍କା କିମ୍ବା ଜମି ନେଇପାରିବେ
- ■ ଇଚ୍ଛା କଲେ ଘର ଯୋଗାଇ ଦିଆଯିବ
- ■ ଆସବାବପତ୍ର ପରିବହନ ପାଇଁ ଗାଡ଼ି ଭଡା ମିଳିବ
- ■ ୭୫ ମିଟର ପରେ କ୍ଷତିଗ୍ରସ୍ତ ମଠକୁ ଥଇଥାନ

## କାଗଜପତ୍ରରେ ଥଇଥାନ ଦାବିକଲେ ମଠ ମହନ୍ତ

ପୁରୀ ଅଫିସ,୨୭।୮

କ୍ଷତିଗ୍ରସ୍ତ ମଠ ମହନ୍ତଙ୍କ ସହ ମଙ୍ଗଳବାର ବିଧାୟକ ପ୍ରଣବ ପ୍ରକାଶ ଦାସ ସ୍ଥାନୀୟ ଏକ ହୋଟେଲରେ ରୁଦ୍ଧଦ୍ୱାର ବୈଠକ କରିଛନ୍ତି। ସେମାନଙ୍କର ସମସ୍ତ ପ୍ରକାର ଦାବି ଶୁଣାଯିବ। ତେଣୁ ସେମାନେ ପ୍ରଶାସନକୁ ସହଯୋଗ କରନ୍ତୁ ବୋଲି ବିଧାୟକ ଦାସ କହିଥିବାବେଳେ ମଠ, ମନ୍ଦିରକୁ ଥଇଥାନ କରି ସରକାର ଏ ଦିଗରେ ଅଗ୍ରସର ହୁଅନ୍ତୁ ବୋଲି ମଠ ମହନ୍ତମାନେ ମତ ରଖିଛନ୍ତି। ଏ ସଂକ୍ରାନ୍ତରେ ନିଖିଳ ଉତ୍କଳ ମଠ ମନ୍ଦିରାଧୀଶ ସେବା ସଂଘର ମହାସଚିବ ତଥା କଟକୀ ମଠ ମହନ୍ତ ବିଜୟ ରାମାନୁଜ ଦାସ କହିଛନ୍ତି, ମଠ ସଂସ୍କୃତିକୁ ନେଇ ଶ୍ରୀକ୍ଷେତ୍ର ସମୃଦ୍ଧ। ଆଇକନିକ ସିଟି ନାଁରେ ଐତିହ୍ୟ ଭାଙ୍ଗି ଦେବା ଠିକ୍ ନୁହେଁ। ଜଗନ୍ନାଥ ଯଦି ବରଗଛ ମଠ ସଂସ୍କୃତି ତାର ଓହଳ। ଓହଳ କାଟିଦେଲେ ଗଛ ତିଷ୍ଠି ପାରିବନି। ବର୍ତ୍ତମାନ ଶ୍ରୀମନ୍ଦିରକୁ ସୁରକ୍ଷା ପ୍ରସଙ୍ଗ କୁହାଯାଇ ମଠ, ମନ୍ଦିରକୁ ଉଚ୍ଛେଦ କରାଯିବାର ଯୋଜନା କରାଯାଇଛି। ଆଜି ପର୍ଯ୍ୟନ୍ତ ଯେଉଁମାନେ ମହାପ୍ରଭୁଙ୍କୁ ସୁରକ୍ଷା ଦେଇଛନ୍ତି ତାହା କ'ଣ ପର୍ଯ୍ୟାପ୍ତ ନୁହେଁ ବୋଲି ସେ ପ୍ରଶ୍ନ କରିଛନ୍ତି। କାହା ମାଧ୍ୟମରେ ନୁହେଁ, ଯେଉଁମାନଙ୍କୁ ସରକାର ଅଧିକୃତ କରିବେ ସେହିମାନେ ଆସି କ୍ଷତିଗ୍ରସ୍ତ ମଠ ମହନ୍ତମାନଙ୍କ ସହିତ ସିଧାସଳଖ ଆଲୋଚନା କରନ୍ତୁ। ଥଇଥାନ ନେଇ ଯେଉଁ ନିଷ୍ପତ୍ତି ହେଉଛି ତାହା କାଗଜ କଲମରେ ହେବା ଦରକାର। ସରକାର ଗଣତାନ୍ତ୍ରିକ ପଦ୍ଧତିରେ ସବୁ କରନ୍ତୁ। କ୍ଷତିଗ୍ରସ୍ତ ମଠର ଗାଦିଘର, ମନ୍ଦିର, ମହନ୍ତ ଏବଂ ପୂଜାରୀ କେଉଁଠି ରହିବେ ତାହାର ଥଇଥାନ କରିବା ଦରକାର। ବିଭିନ୍ନ ମଠକୁ ବାହାରୁ ଆସୁଥିବା ସାଧୁସନ୍ଥଙ୍କ ପାଇଁ ମଧ୍ୟ ବ୍ୟବସ୍ଥା ହେବା ଆବଶ୍ୟକ।

## 'ସରକାର ପୁରୀବାସୀଙ୍କ ତ୍ୟାଗର ମୂଲ୍ୟ ବୁଝନ୍ତୁ'

**ପୁରୀ ଅଫିସ,୨୭।୮:** ଶ୍ରୀମନ୍ଦିର ସୁରକ୍ଷା ଏବଂ ପୁରୀର ବିକାଶକୁ ଦୃଷ୍ଟିରେ ରଖି ପୁରୀ ମେଘନାଦ ପାଚେରି ପାର୍ଶ୍ୱରୁ ଉଚ୍ଛେଦ ଅଭିଯାନ ଜାରି ରହିଛି। ଏହି କ୍ରମରେ ମଙ୍ଗଳବାର ଲଙ୍ଗୁଳି ମଠ ଓ ଏହା ପରିସରରେ ଥିବା ଦୋକାନଗୁଡ଼ିକୁ ପ୍ରଶାସନ ପକ୍ଷରୁ ଭଙ୍ଗାଯାଇଛି। ଥଇଥାନ ବ୍ୟବସ୍ଥା କରା ନ ଯାଇ ଉଚ୍ଛେଦ ଯୋଗୁ ଦୋକାନୀମାନେ ଜୀବିକା ହରାଇ ମାନସିକ ସ୍ତରରେ ଭାଙ୍ଗିପଡ଼ିଛନ୍ତି। ପୁଣି କେଉଁଠି ଦୋକାନ କରିବେ, କିପରି ପରିବାର ଚଳାଇବେ, ସେହି ଚିନ୍ତାରେ କେତେକ ବ୍ୟବସାୟୀ ଲଙ୍ଗୁଳି ମଠ ଆଗରେ ଠିଆ ହୋଇ ଭୋ ଭୋ କାନ୍ଦୁଥିବା ଦେଖିବାକୁ ମିଳିଥିଲା। ଏହି ଦୃଶ୍ୟ ଥିଲା ହୃଦୟବିଦାରକ। ଅନ୍ୟପଟେ କେତେଜଣ ବ୍ୟକ୍ତି ଏହାକୁ ସ୍ୱାଗତ କରିଛନ୍ତି। ତେବେ ସରକାର ପୁରୀବାସୀଙ୍କ ତ୍ୟାଗର ମୂଲ୍ୟ ବୁଝନ୍ତୁ ବୋଲି ସେମାନେ କହିଛନ୍ତି। ବିଭିନ୍ନ ବର୍ଗର ଲୋକଙ୍କ ମତାମତକୁ ନେଇ ଏହି ଉପସ୍ଥାପନା।



ଫନୀ ବାତ୍ୟାଠାରୁ ବଳିଗଲା ପୁରୀ ସୌନ୍ଦର୍ଯ୍ୟକରଣର ଦୁଃଖ। ମେଘନାଦ ପାଚେରି ଚାରିପଟୁ ଉଚ୍ଛେଦ ଚାଲିଛି। ଲଙ୍ଗୁଳି ମଠ ପରିସରରୁ ଦୋକାନ ହଟାଇ ଦୋକାନୀ ଓ ସେଗୁଡ଼ିକରେ କାମ କରୁଥିବା କର୍ମଚାରୀଙ୍କ ପେଟରେ ସରକାର ଲାତ ମାରିଛନ୍ତି। ଇତିହାସ ସାକ୍ଷୀ ଅଛି, ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ସୁରକ୍ଷା ଲାଗି ପୁରୀବାସୀ ତ୍ୟାଗ କରି ଆସିଛନ୍ତି। ଏବେ ମଧ ପୁରୀର ବିକାଶ ଲାଗି ସହରବାସୀ ତ୍ୟାଗ କରିବାକୁ ପ୍ରସ୍ତୁତ। ତେବେ ସରକାର ସେମାନଙ୍କ ତ୍ୟାଗର ମୂଲ୍ୟ କିପରି ବୁଝିବେ ଓ ତାହାକୁ ଭରଣା କରିବେ ତାହା ଦେଖିବାକୁ ବାକି ରହିଲା।

**- ସତ୍ୟକାମ ସାହୁ, ଯୁବ ସାମାଜିକ କର୍ମୀ**



ମେଘନାଦ ପାଚେରି ଚାରିପଟୁ ଜବରଦଖଲ ଉଚ୍ଛେଦ ପରେ ଏହା ଦୂରରୁ ସ୍ପଷ୍ଟ ଭାବେ ଦେଖାଯାଉଛି। ଆଗରୁ କୋଠାବାଡ଼ି, ଦୋକାନ ବଜାର ମଧ୍ୟରେ ଏହା ଲୁଚିଯାଉଥିଲା। ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ କରାଯିବା ସ୍ୱାଗତଯୋଗ୍ୟ। ସେହିପରି ଶ୍ରୀମନ୍ଦିର ଭିତରେ ଓ ବାହାରେ ଭକ୍ତମାନେ ଯେପରି ସୁରକ୍ଷିତ ଭାବେ ବୁଲିପାରିବେ ସେଥିଲାଗି ପଦକ୍ଷେପ ନେବାର ଆବଶ୍ୟକତା ରହିଥିଲା।

**- ପ୍ରହ୍ଲାଦ ପାଣିଗ୍ରାହୀ, ବ୍ରହ୍ମପୁର**



ମହାପ୍ରଭୁ କୋଟି କୋଟି ହିନ୍ଦୁଙ୍କ ଆରାଧ ଦେବତା। ମହାପ୍ରଭୁଙ୍କ ଦର୍ଶନ ଲାଗି ଶ୍ରୀକ୍ଷେତ୍ରକୁ ଛୁଟିଆଏ ଲକ୍ଷାଧିକ ଭକ୍ତଙ୍କ ସମାଗମ। ଶ୍ରୀମନ୍ଦିର ସୁରକ୍ଷା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ନିତାନ୍ତ ଜରୁରୀ। କିନ୍ତୁ ଶ୍ରୀମନ୍ଦିର ମେଘନାଦ ପାଚେରି ଚାରିପଟୁ କେଉଁ ଆଇନ ବଳରେ ଭଙ୍ଗାଯାଉଛି, କେତେ ପରିମାଣ ଭଙ୍ଗାଯିବ, ଏହାର ଷ୍ଟାଟସ ରିପୋର୍ଟ କ'ଣ ରହିଛି, ସେନେଇ ପ୍ରଶାସନ ଜନସାଧାରଣଙ୍କୁ ସ୍ପଷ୍ଟ କରିବା ଆବଶ୍ୟକ। ଉଚ୍ଛେଦ ହେଉ, କିନ୍ତୁ ମଠ ମନ୍ଦିର, ଐତିହ୍ୟ କୀର୍ତ୍ତିରାଜି ସୁରକ୍ଷିତ ରହିବା ଉଚିତ।

**- ପ୍ରଶାନ୍ତ କୁମାର ମିଶ୍ର, ପୁରୀ ବାର୍ ସଭାପତି**



ପୂର୍ବରୁ ଦୁଇଥର ଶ୍ରୀମନ୍ଦିର ଚାରିପଟୁ ଉଚ୍ଛେଦ କରାଯାଇଛି। ଏବେ ପୁଣି ୭୫ମିଟର ପରିଧି ମଧ୍ୟରେ ଆସୁଥିବା କୋଠାବାଡି ଭଙ୍ଗାଯିବ। ଏ ନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଉଚ୍ଛେଦକୁ ନେଇ ଶ୍ରୀମନ୍ଦିର ଚାରିପଟେ ରହୁଥିବା ପରିବାର ଚିନ୍ତିତ ହୋଇପଡ଼ିଛନ୍ତି। ପ୍ରଶାସନ ପ୍ରଥମେ ଥଇଥାନ ପାଇଁ ପଦକ୍ଷେପ ନେଉ, ପରେ ଉଚ୍ଛେଦ କରାଯାଉ। ଏହାଦ୍ୱାରା ଉଚ୍ଛେଦ ହେଉଥିବା ଲୋକେ ଶାନ୍ତିରେ ନିଃଶ୍ୱାସ ମାରିପାରିବେ।

**- ଚନ୍ଦ୍ରଶେଖର ମିଶ୍ର, ସାମାଜିକ କର୍ମୀ**



ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେବାପାଇଁ ଆସିଥିବା ପୁରୀ କଂଗ୍ରେସ ନେତୃବୃନ୍ଦ।

## ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେଲା କଂଗ୍ରେସ

ପୁରୀ ଅଫିସ, ୨୭।୮

ଶ୍ରୀମନ୍ଦିର ସୁରକ୍ଷା ଓ ପୁରୀର ବିକାଶ ପ୍ରସଙ୍ଗ ସମେତ ବିଭିନ୍ନ ସମସ୍ୟା ନେଇ ପୁରୀ ଜିଲା କଂଗ୍ରେସ କମିଟିର ଏକ ପ୍ରତିନିଧି ଦଳ ମଙ୍ଗଳବାର ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ଆଲୋଚନା କରିବା ସହ ୮ଦଫା ସମ୍ବଳିତ ଏକ ସ୍ମାରକପତ୍ର ଦେଇଛନ୍ତି। ଏହି ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ, ରାଜ୍ୟ ସରକାର ପୁରୀର ବିକାଶ, ଶ୍ରୀମନ୍ଦିର ସୁରକ୍ଷା, ସୌନ୍ଦର୍ଯ୍ୟକରଣ ଏବଂ ପୁରୀକୁ ବିଶ୍ୱସ୍ତରର ସହର ଭାବେ ଗଢିବା ଲାଗି ନିଷ୍ପତ୍ତି ନେଇଛନ୍ତି। କଂଗ୍ରେସ ଏହାକୁ ସ୍ୱାଗତ କରୁଛି। ଶ୍ରୀମନ୍ଦିର ଚାରିପଟୁ ଜବରଦଖଲ ହଟୁ, କିନ୍ତୁ ବ୍ୟବସାୟୀମାନଙ୍କୁ ପ୍ରଥମେ ଥଇଥାନ କରାଯିବା ସହ ଉପଯୁକ୍ତ କ୍ଷତିପୂରଣ ଦିଆଯାଉ। ୨୦୧୫ ନବକଳେବରରେ ବିଭିନ୍ନ ପ୍ରକଳ୍ପ ବାବଦକୁ ୨ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଛି। ତେବେ କେଉଁ ବାବଦରେ କେତେ ଅର୍ଥ ଖର୍ଚ୍ଚ ହୋଇଛି, ତାହାର ବର୍ତ୍ତମାନ ସୁଦ୍ଧା ସମୀକ୍ଷା କରାଯାଇନାହିଁ। କୋଟି କୋଟି ଟଙ୍କା ବାଟମାରଣା ହୋଇଛି। ମାଳତୀପାଟପୁର ବସଷ୍ଟାଣ୍ଡ ଏବେ ଭୂତକୋଠି ପାଲଟିଥିବା ବେଳେ ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ନିମ୍ନମାନର ହୋଇଛି। ଜାଗା ଘର ନିର୍ମାଣ, ଅଠରନଳା ସୌନ୍ଦର୍ଯ୍ୟକରଣ, ପ୍ରସାଦ ଯୋଜନା, ଓଡ଼ିଆ ମଠର ବିକାଶ ଆଦି ବିଭିନ୍ନ ପ୍ରକଳ୍ପ ବିଫଳ ହୋଇଛି। ୪ଟି ଯୋଜନା କାର୍ଯ୍ୟକାରୀ ସତ୍ତ୍ୱେ ଏହାର ସୁଫଳ ଦେଖିବାକୁ ମିଳୁନି। ଏବେ ପୁଣି ରାଜ୍ୟ ସରକାର ୫ଶହ କୋଟି ଟଙ୍କା ଅର୍ଥ ମଞ୍ଜୁର କରିଛନ୍ତି। ତେବେ ବାସ୍ତବ କ୍ଷେତ୍ରରେ ଏହା କେତେ ଦୂର କାର୍ଯ୍ୟକାରୀ ହୋଇପାରିବ ସେ ନେଇ ସନ୍ଦେହ ସୃଷ୍ଟି ହେଉଛି। ମେଘନାଦ ପାଚେରି ଚାରିପଟୁ ୭୫ମିଟର ପରିଧିରେ ଆସୁଥିବା କୋଠାବାଡ଼ି, ଜବରଦଖଲ ଉଚ୍ଛେଦ କରାଯିବ। ତେବେ ପ୍ରଭାବିତ ହେଉଥିବା ପରିବାର, ଉଠାଦୋକାନୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଥଇଥାନ କରାଯିବା ଉଚିତ। ଶ୍ରୀମନ୍ଦିର ଦୈନନ୍ଦିନ ରୀତିନୀତି ସହିତ ଜଡ଼ିତ ଥିବା ମଠ, ମନ୍ଦିର ସୁରକ୍ଷା, ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ, ପୁରାତନ ଐତିହ୍ୟ କୀର୍ତ୍ତିରାଜି ସଂରକ୍ଷଣ, ଜିଲା ମୁଖ୍ୟ ଚିକିତ୍ସାଳୟର କଳେବର ବୃଦ୍ଧି କରାଯିବା, ଡ୍ରେନେଜ ବ୍ୟବସ୍ଥା ସୁଦୃଢ଼ୀକରଣ, ସାହି ବସ୍ତି ନିୟମିତ ସଫେଇ, ସ୍ୱଚ୍ଛତା, ସରକାରଙ୍କ ଅର୍ଥର ସଦୁପଯୋଗ, ଶିକ୍ଷାନୁଷ୍ଠାନ ଭିତ୍ତିଭୂମିର ବିକାଶ, ପ୍ରସ୍ତାବିତ ମେଡିକାଲ କଲେଜ ନିର୍ମାଣ ଆଦି ଦାବି କରାଯାଇଛି। ଏହି ପ୍ରତିନିଧି ଦଳରେ ଜିଲା କଂଗ୍ରେସ ସଭାପତି ଅମୀୟ ପଟ୍ଟନାୟକ, ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା, ସମ୍ପାଦକ ଅମୀୟ କୁମାର ମହାପାତ୍ର ଏବଂ ବରିଷ୍ଠ ନେତା ବିନାୟକ ଦାସ ମହାପାତ୍ର ପ୍ରମୁଖ ସାମିଲ ଥିଲେ।

## ଘର ଖାଲି କରିବାକୁ କହିଲା ପ୍ରଶାସନ

ପୁରୀ ଅଫିସ,୨୭।୮

**ଏମାର ମଠରେ ୩ ପରିବାର**

ଦୀର୍ଘବର୍ଷ ଧରି ଏମାର ମଠରେ ରହୁଥିବା ୩ଟି ପରିବାରକୁ ଘର ଖାଲି କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ପ୍ରଶାସନିକ ଅଧିକାରୀ ସେମାନଙ୍କୁ ରାତି ସୁଦ୍ଧା ଘର ଖାଲିବାକୁ କହିବା ପରେ ଏହି ପରିବାର ସଦସ୍ୟ ଚିନ୍ତିତ ହୋଇପଡ଼ିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଏମାର ମଠରେ ଗୋଟିଏ ବ୍ରାହ୍ମଣ ପରିବାର ଏବଂ ୨ଟି ବାରିକ ପରିବାର ପୁରୁଷ ପୁରୁଷ ଧରି ରହି ଆସୁଛନ୍ତି। ସେମାନେ ମଠରେ ସେବାପୂଜା କରିବା ସହ ବାହାରେ ନିଜ କୌଳିକ ବୃତ୍ତି କରି ପରିବାର ପ୍ରତିପୋଷଣ କରିଥାନ୍ତି। ହେଲେ ବର୍ତ୍ତମାନ ଯେଉଁଭଳି ମଠ ଉଚ୍ଛେଦ କରାଯାଉଛି ତାହାକୁ ନେଇ ସେମାନେ ଭୟଭୀତ ହୋଇପଡ଼ିଛନ୍ତି। ପ୍ରଶାସନର ନିର୍ଦ୍ଦେଶ ପାଇବା ପରେ କ'ଣ କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ବାଧ ହୋଇ ସେମାନେ ଘର ଖାଲି କରିବେ। କିନ୍ତୁ ପିଲାଛୁଆଙ୍କୁ ଧରି କେଉଁଠି ଥଇଥାନ ହେବେ ତାହାକୁ ନେଇ ଚିନ୍ତାରେ ପଡ଼ିଥିବା ସମ୍ପୃକ୍ତ ପରିବାର ସଦସ୍ୟ କହିଛନ୍ତି।

## ଭଙ୍ଗାଯିବ ବ୍ରିଟିଶ ଅମଳର ରଘୁନନ୍ଦନ ଲାଇବ୍ରେରି

# ଲିଭିଯିବ କି ଐତିହ୍ୟ ସ୍ମାରକୀ



ରଘୁନନ୍ଦନ ଲାଇବ୍ରେରି ଉଚ୍ଛେଦ ପୂର୍ବରୁ ମଙ୍ଗଳବାର ସନ୍ଧ୍ୟାରେ ବହିପତ୍ରଗୁଡ଼ିକୁ ସ୍ଥାନାନ୍ତର କରାଯାଉଛି।

ହେମନ୍ତ କୁମାର ନାୟକ

ପୁରୀ ଅଫିସ,୨୭।୮

ଶ୍ରୀମନ୍ଦିର ସୁରକ୍ଷା ଏବଂ ପୁରୀର ବିକାଶ ପାଇଁ ଚାଲିଛି ଉଚ୍ଛେଦ ଅଭିଯାନ। ବିପଦସଙ୍କୁଳ କହି ପ୍ରଶାସନ ଲଙ୍ଗୁଳି ମଠକୁ ମାଟିରେ ମିଶାଇଥିବାବେଳେ ଏବେ ସିଂହଦ୍ୱାର ସମ୍ମୁଖ ଏମାର ମଠର ପାଳି ପଡ଼ିଛି। ଏହି ଉଚ୍ଛେଦ ଆଁରେ ହଜିଯିବାକୁ ବସିଛି ଐତିହ୍ୟ ସମ୍ପନ୍ନ ତଥା ବ୍ରିଟିଶ ଅମଳର ରଘୁନନ୍ଦନ ଲାଇବ୍ରେରି। ମଙ୍ଗଳବାର ପ୍ରଶାସନ ଏହି ପାଠାଗାରକୁ ଭାଙ୍ଗିବା ଲାଗି ସମସ୍ତ ପ୍ରକ୍ରିୟା ଶେଷ କରିଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ସର୍ବପୁରାତନ ପାଠାଗାର ଗୋଟିଏ ବର୍ଷ ପରେ ୧୦୦ ବର୍ଷ ଅତିକ୍ରାନ୍ତ କରିଥାନ୍ତା। ତେବେ ଏହାକୁ ଭଙ୍ଗାଯିବା ପରେ ପୁନଃ ନିର୍ମାଣ କରାଯିବ ନା ଓଡ଼ିଶା ପାଠାଗାରର ପଥପ୍ରଦର୍ଶକ ସାଜିଥିବା ଏହି ଐତିହ୍ୟର ସ୍ମାରକୀ ଲିଭିଯିବ ତାହା ଉପରେ ଏବେ ସମସ୍ତଙ୍କ ନଜର।

୧୯୨୧ ଅଗଷ୍ଟ ୧୪ତାରିଖରେ ଏମାର ମଠର ତତ୍କାଳୀନ ମହନ୍ତ ଗଦାଧର ରାମାନୁଜ ଦାସ ତାଙ୍କ ଗୁରୁ ରଘୁନନ୍ଦନ ରାମାନୁଜ ଦାସଙ୍କ ନାମାନୁସାରେ ଏହି ଲାଇବ୍ରେରି ପ୍ରତିଷ୍ଠା କରିଥିଲେ। ସେତେବେଳେ ବହୁ ଦୁର୍ମୂଲ୍ୟ ପୁସ୍ତକ ଏଠାରେ ଉପଲବ୍ଧ ହେଉଥିଲା ବେଳେ ଅନେକ ଖବରକାଗଜ ଆସୁଥିଲା। ରାମାୟଣ, ମହାଭାରତ, ରାଜଧର୍ମ, ପୁରାଣ ମଧ୍ୟରୁ କେତେକ ପୋଥି ଆକାରରେ ରହିଥିବାବେଳେ ବିଭିନ୍ନ ଗବେଷଣା ପୁସ୍ତକ ମଧ୍ୟ ମିଳୁଥିଲା। ଦେଶ, ବିଦେଶରୁ ବହୁବ୍ୟକ୍ତି ଏହି ଲାଇବ୍ରେରିକୁ ଆସି ଦୁଷ୍ପ୍ରାପ୍ୟ ପୁସ୍ତକ ପାଇ ପାରୁଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଇଂଲିଶରେ ୭୫୦ ଖଣ୍ଡ ଗବେଷଣାତ୍ମକ ପୁସ୍ତକ, ବଙ୍ଗଳାରେ ୫୫୦, ହିନ୍ଦୀରେ ୪୮୩, ସଂସ୍କୃତରେ ୭୦୧ ଏବଂ ଓଡ଼ିଆରେ ୮୧୧ ଖଣ୍ଡ ଦୁର୍ମୂଲ୍ୟ ପୁସ୍ତକ ଏହି ପାଠାଗାରରେ ଥିଲା। ସେହିପରି ୨୬୬ ଖଣ୍ଡ ତାଳପତ୍ର ପୋଥି ସାଙ୍ଗକୁ ତାମ୍ରପଟା, ସନନ୍ଦ, ପ୍ରାଚୀନ ଧର୍ମପୁସ୍ତକ, ଜଗନ୍ନାଥ ସଂସ୍କୃତି ବିଷୟରେ ଦୁର୍ମୂଲ୍ୟ ଦସ୍ତାବିଜ ବି ରହିଥିଲା। ଜ୍ଞାନ ବିଜ୍ଞାନ ସମ୍ପର୍କରେ ଜାଣିବା ପାଇଁ ଜ୍ଞାନ ମଣ୍ଡଳର ସମସ୍ତ ସଂସ୍କରଣ ଥିଲା। ଦେଶ ବିଦେଶରୁ ବହୁ ହିନ୍ଦୁ ଏବଂ ଅଣହିନ୍ଦୁ ଗବେଷକ ଆସି ଏଠାରେ ଗବେଷଣା କରୁଥିଲେ। ମାତ୍ର କାଳକ୍ରମେ ଏହାର ବହୁ ଦୁର୍ମୂଲ୍ୟ ପୁସ୍ତକ କେଉଁଆଡେ ନିଶ୍ଚିହ୍ନ ହୋଇଗଲା। ଏହାସତ୍ତ୍ୱେ ଏବେ ଅନେକ ପୁସ୍ତକ ଓ ପୋଥି ରହିଛି। ଜବାହରଲାଲ ନେହେରୁଙ୍କ ଦି ଡିସ୍କଭର ଇଣ୍ଡିଆ, ଶିବାନନ୍ଦଙ୍କ ବ୍ରହ୍ମ ସୂତ୍ର, ଏ.ଜି. ଷ୍ଟ୍ରିଟଙ୍କ ଫାର୍ମର୍ସ ଗ୍ଲୋରି ସାଙ୍ଗକୁ ଦି କମନୱେଲ୍‌ଥ ଅଫ୍ ନେଶନ, ଆର୍ମି ରିଫର୍ମ ଆଣ୍ଡ ଅଦର୍ସ ଆଡ୍ରେସ, ଦି ଶିଖ୍ ରିଲିଜିୟନ, ଦି ବେଦ ସାଙ୍ଗକୁ ପୋଥି ଆକାରରେ ମହାଭାରତ, ଶ୍ରୀମଦ୍ ଭଗବତ, ରାଜଧର୍ମ, ମାର୍କେଣ୍ଡେୟ ପୁରାଣ, ଜଗମୋହନ ରାମାୟଣ, ନୃସିଂହ ପୁରାଣ ଆଦି ରହିଛି।



ରଘୁନନ୍ଦନ ଲାଇବ୍ରେରି

ଏହି ଲାଇବ୍ରେରି ଅଣହିନ୍ଦୁଙ୍କ ପାଇଁ ଥିଲା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଶ୍ରୀମନ୍ଦିରକୁ ପ୍ରବେଶ କରିପାରୁ ନ ଥିବା ଦେଶ, ବିଦେଶର ଅଣହିନ୍ଦୁ ଏହି ଲାଇବ୍ରେରିରୁ ହିଁ ଶ୍ରୀମନ୍ଦିର ସଂକ୍ରାନ୍ତ ଜ୍ଞାନ ଓ ସୂଚନା ପାଇପାରୁଥିଲେ। ଏଠାକୁ ବିଭିନ୍ନ ସମୟରେ ବହୁ ବିଶିଷ୍ଟ ବ୍ୟକ୍ତି ପରିଦର୍ଶନରେ ଆସିଛନ୍ତି। ୧୯୩୯ ଅଗଷ୍ଟ ୨ତାରିଖରେ ତତ୍କାଳୀନ ଭାଇସରାୟ ଲର୍ଡ ଲିଲିଡ କୋ ଓଡ଼ିଶା ପରିଦର୍ଶନରେ ଆସି ଏହି ପାଠାଗାରରୁ ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ କରିଥିଲେ। ୧୯୩୨ ମାର୍ଚ୍ଚ ୨୨ରେ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ସାର୍ କୋଟ୍‌ନୀ, ୧୯୩୩ ମାର୍ଚ୍ଚ ୧୯ରେ ବଙ୍ଗଳାର ଗଭର୍ନର ସାର୍ ଜନ. ଆଣ୍ଡ୍ରେଶନ, ୧୯୩୩ ଏପ୍ରିଲ ୭ ଓ ୧୯୩୫ ଏପ୍ରିଲ ୬ ତାରିଖରେ ବିହାର-ଓଡ଼ିଶାର ଗଭର୍ନର ସାର୍ ଜେ.ଡି. ସିଫ୍ଟନ ଦୁଇଥର ଏହି ପାଠାଗାର ପରିଦର୍ଶନରେ ଆସିଥିଲେ। ଏମାନଙ୍କ ବ୍ୟତୀତ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର କୁଳପତି ଏନ୍.ଏନ୍. ସିହ୍ନା, ପାଟନା ହାଇକୋର୍ଟର ଜଜ୍ କୁଲୱନ୍ତ ସହାୟ, ମହାମହୋପାଧ୍ୟାୟ ଗଣନାଥ ସେନ୍ ଶର୍ମା, ବିହାର-ଓଡ଼ିଶାର ପିଏମ୍‌ଜି ଏସ୍.ବି. ସିହ୍ନା, ବ୍ୟାଙ୍କିଂ କର୍ପୋରେଶନର ଗଭର୍ନର ଏଚ୍.ଏଫ୍. ସ୍ମିଥ୍ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ମଧ୍ୟ ଆସିଥିଲେ ବୋଲି ରେକର୍ଡ କହେ।

ବର୍ତ୍ତମାନର ଡିଜିଟାଲ ଯୁଗରେ ଏହି ଲାଇବ୍ରେରିର ଆଦର କମିଥିଲେ ମଧ୍ୟ ବିଭିନ୍ନ ପୁସ୍ତକ ଓ ଖବରକାଗଜ ପଢିବା ଲାଗି ଦୈନିକ ୨୦/୩୦ ଜଣ ଆସୁଛନ୍ତି। ଏବେ ଲାଇବ୍ରେରି ଉଚ୍ଛେଦ ହେବା ଖବରକୁ ନେଇ ପାଠାଗାର ତଥା ପୁସ୍ତକ ପ୍ରେମୀ କ୍ଷୋଭ ପ୍ରକାଶ କରିଛନ୍ତି। ୧୯୮୪ରେ ଏହି ପାଠାଗାରକୁ ଆସି ଅଧ୍ୟୟନ କରୁଥିବା କୃଷ୍ଣଚନ୍ଦ୍ର ଦାଶ କହିଛନ୍ତି, ଏମାର ମଠରେ ରହି ସେ ପଢୁଥିଲେ। ଯେଉଁ ପୁସ୍ତକ ତାଙ୍କ ପାଖରେ ନ ଥିଲା ଲାଇବ୍ରେରିକୁ ଆସି ତାହା ପଢିବାକୁ ପାଉଥିଲେ। ତେଣୁ ଏଭଳି ଏକ ଐତିହ୍ୟ ସମ୍ପନ୍ନ ପାଠାଗାରର ସଂରକ୍ଷଣ କରାଯିବା ଉଚିତ। ସେହିପରି ପୂର୍ବତନ ଜିଲା ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ସାମନ୍ତରାୟ କହିଛନ୍ତି, ଯେତେବେଳେ ଲାଇବ୍ରେରି କଥା କଳ୍ପନା କରାଯାଇ ନ ଥିଲା ସେବେଠାରୁ ଏହି ପାଠାଗାର ଅଛି। ପଣ୍ଡିତ ସଦାଶିବ ରଥଶର୍ମା ଏବଂ ତାଙ୍କ ସମସାମୟିକ ବ୍ୟକ୍ତିମାନେ ଯେତେବେଳେ ଏଠାକୁ ଆସୁଥିଲେ ସେତେବେଳେ ଏହା ସମଗ୍ର ଓଡ଼ିଶାରେ ବେଶ୍ ସୁନାମ ଅର୍ଜନ କରିଥିଲା। ହେଲେ ଏହି ଶତାୟୁ ଅନୁଷ୍ଠାନରେ ବହୁ ଦୁର୍ମୂଲ୍ୟ ପୁସ୍ତକ ଏବେ ଆଉ ଦେଖିବାକୁ ମିଳୁନାହିଁ। ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ଏହି ପାଠାଗାରକୁ ଶ୍ରୀଜଗନ୍ନାଥ କେନ୍ଦ୍ରୀୟ ପାଠାଗାର ସହିତ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇ ମିଶାଗଲେ ଏହି ଐତିହ୍ୟ ସମ୍ପନ୍ନ ପାଠାଗାରଟି ସୁରକ୍ଷିତ ରହିପାରିବ। ଅନ୍ୟପକ୍ଷରେ ସମସ୍ତ ପୁସ୍ତକକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି।



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ,
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି ।
-ମିଲ୍‌ଟନ୍

## ସଂକ୍ଷେପରେ

### ନିରଞ୍ଜନଙ୍କୁ ଟାର୍ଗେଟ କଲେ ପୂର୍ବତନ ଏମ୍‌ପି

**ଭୁବନେଶ୍ୱର,୨୭।୮(ବ୍ୟୁରୋ):** ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ସୋମବାର ଦଳର ପଦାଧିକାରୀ କମିଟି ସହ ୨୦୧୯ ନିର୍ବାଚନ ପାଇଁ ଗଠନ କରାଯାଇଥିବା ସମସ୍ତ ନିର୍ବାଚନ କମିଟିକୁ ରଦ୍ଦ କରିଦେଇଛନ୍ତି। ମାତ୍ର ଏଆଇସିସି ଅଧ୍ୟକ୍ଷ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ପଦରୁ ହଟାଇ ନାହାନ୍ତି। ସେହିପରି ରାଜ୍ୟର ଦୁଇ କାର୍ଯ୍ୟକାରୀ ସଭାପତି ଚିରଞ୍ଜିବୀ ବିଶ୍ୱାଳ ଏବଂ ପ୍ରଦୀପ ମାଝୀଙ୍କୁ ମଧ୍ୟ ପଦରୁ ନ କାଢି ଆସ୍ଥା ପ୍ରକଟ କରିଛନ୍ତି। ନିରଞ୍ଜନ ଦାୟିତ୍ୱରୁ ନ ହଟିବାପରେ ଦଳର ରାଜ୍ୟ ନେତୃବୃନ୍ଦଙ୍କ ମଧ୍ୟରୁ କେତେଜଣ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଧିରେଧିରେ ଏହାକୁ ନେଇ ଦଳ ମଧ୍ୟରେ ବିରୋଧର ସ୍ୱର ମଧ୍ୟ ବଢିବାରେ ଲାଗିଛି। ପୂର୍ବତନ ଏମ୍‌ପି ତଥା ବରିଷ୍ଠ ନେତା ଅମର ପ୍ରଧାନ କହିଛନ୍ତି, ବାରମ୍ବାର ବିଫଳ ହୋଇଥିବା ନିରଞ୍ଜନଙ୍କୁ ହାଇକମାଣ୍ଡ ପସନ୍ଦ କରିବା ପଛର କାରଣ ଜଣାପଡୁନାହିଁ। ବର୍ତ୍ତମାନ ସ୍ଥିତିରେ ଜଣେ ଭଲ ସାଙ୍ଗଠନିକ ନେତାଙ୍କୁ ଦାୟିତ୍ୱ ଦିଆଯିବାର ଆବଶ୍ୟକତା ରହିଛି। ଏଭଳି ନେତାଙ୍କ ଅଭାବ ମଧ୍ୟ ଓଡିଶାରେ ନାହିଁ ଯାହା ମନେ ହେଉଛି ରାଜ୍ୟର କଂଗ୍ରେସ କାର୍ଯ୍ୟାଳୟ ଖବର ହାଇକମାଣ୍ଡଙ୍କ ନିକଟରେ ଠିକ୍‌ରେ ପହଞ୍ଚିପାରିନାହିଁ। ନିରଞ୍ଜନ ହେଉଛନ୍ତି ଜଣେ ଚାଲାକ ବ୍ୟବସାୟୀ। ହେଲେ ରାଜନୀତିରେ ସେ ସମ୍ପୂର୍ଣ୍ଣ ବିଫଳ। ତାଙ୍କୁ ଧରି ଦଳ କିପରି ଆଗକୁ ଯିବ ତାହା ଜଣାପଡୁନାହିଁ। ଦଳର ଏତେବଡ ବିପର୍ଯ୍ୟୟ ପରେ ମଧ୍ୟ କିଛି ଶିକ୍ଷା ଲାଭ କରାଯାଇପାରି ନ ଥିବା ଜଣାପଡୁଛି ବୋଲି ସେ କହିଛନ୍ତି। ଏନେଇ ନିରଞ୍ଜନଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

### ନଦୀରେ ବୁଡ଼ି ଯୁବକ ମୃତ

**ବାଲିଅନ୍ତା,୨୭।୮(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଅଧୀନ କୂଳସାହି ଗ୍ରାମର ନିରଞ୍ଜନ ବାରିକଙ୍କ ମଙ୍ଗଳବାର କୁଶଭଦ୍ରା ନଦୀରେ ବୁଡ଼ି ମୃତ୍ୟୁ ହୋଇଛି। ନିରଞ୍ଜନ ଜଣେ ସମ୍ପର୍କୀୟଙ୍କ ସହ ଗାଧୋଇବା ପାଇଁ କୁଶଭଦ୍ରା ନଦୀକୁ ଯାଇଥିଲେ। ସମ୍ପର୍କୀୟ ଜଣକ ହୁଡାରେ ବସିଥିବାବେଳେ ନିରଞ୍ଜନ ଗାଧୋଇବା ପାଇଁ ନଦୀ ଭିତରକୁ ପଶୁଥିବାବେଳେ ଗୋଡ ଖସିଯିବାରୁ ବୁଡିଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ସମ୍ପର୍କୀୟ ଜଣକ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଲୋକେ ପାଣିରେ ପଶି ନିରଞ୍ଜନଙ୍କୁ ଉଦ୍ଧାର କରି ତୁରନ୍ତ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ହସ୍ପିଟାଲରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରିଛି। ଥାନାରେ ନଂ ୩୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ■ ମଣ୍ଡପକୁ ନେଇ ଦୁଇ ବ୍ୟବସାୟୀ ଗୋଷ୍ଠୀ ମଧ୍ୟରେ ବିବାଦ

# ୧୪୪ ଲାଗୁ ପରେ ମାର୍କେଟରେ ପୂଜା ବନ୍ଦ

**ଭୁବନେଶ୍ୱର,୨୭।୮(ବ୍ୟୁରୋ)**

ଆଇଡି ମାର୍କେଟରେ ଦୁଇ ବ୍ୟବସାୟୀ ଗୋଷ୍ଠୀ ଗଣେଶ ପୂଜା ମଣ୍ଡପ ପାଇଁ ମୁହାଁମୁହିଁ ହୋଇଛନ୍ତି। ଏପରିକି ଇନ୍ଦ୍ରଧନୁ ମାର୍କେଟ ବିଜନେସ୍ ଡେଭଲପ୍‌ମେଣ୍ଟ ଆସୋସିଏଶନ୍ ପ୍ରତିବର୍ଷ ମାର୍କେଟ ପରିସରରେ ଥିବା ଗଣେଶ ମଣ୍ଡପରେ ପୂଜା କରନ୍ତି। କିନ୍ତୁ କ୍ଷୁଦ୍ର ବ୍ୟବସାୟୀ ସଂଘ ଏହାକୁ ବିରୋଧ କରିଥିଲେ। ଯାହାକୁ କେନ୍ଦ୍ରକରି ଦୁଇ ବ୍ୟବସାୟୀ ସଂଘ ମଧ୍ୟରେ ଏକ ପ୍ରକାର ବିବାଦ ଲାଗିଥିଲା। ଏପରିକି ଦୁଇ ଗୋଷ୍ଠୀ ମଧ୍ୟ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଏହାର ସମାଧାନ ହୋଇପାରି ନ ଥିଲା। ଶେଷରେ ପୂଜା ହେଲେ ସେଠାରେ ଗଣ୍ଡଗୋଳ ହେବାର ସମ୍ଭାବନା ଥିବାରୁ ଉକ୍ତ ସ୍ଥାନରେ ଧାରା ୧୪୪ ଜାରି କରାଯାଇଛି। ଅର୍ଥାତ୍ ସେଠାରେ ଗଣେଶ ପୂଜା କିମ୍ବା ଅନ୍ୟ କିଛି କାର୍ଯ୍ୟ ହୋଇପାରିବ ନାହିଁ। ଏହାସହ ଡିସିପି ମଧ୍ୟ ଉଭୟଙ୍କ ବିରୋଧରେ ସିଆରପି ୧୦୭ ପ୍ରୋସିଡିଂ କରାଯାଉଛି। ଏହି ନିୟମ ଅନୁଯାୟୀ ଯଦି କେହି ଗଣ୍ଡଗୋଳ କରନ୍ତି ତେବେ ତାଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ସୋମବାର କ୍ଷୁଦ୍ର ବ୍ୟବସାୟୀ ସଂଘ ୪ଟି ଦାବି ନେଇ ଡିସିପି ଅଫିସ ଘେରାଉ କରିଥିବାବେଳେ ମଙ୍ଗଳବାର ଇନ୍ଦ୍ରଧନୁ ମାର୍କେଟ ସଂଘ ପକ୍ଷରୁ ଘେରାଉ କରିବା ସହ ଡିସିପିଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଜଣାଇଥିଲେ।



ଡିସିପିଙ୍କୁ ଭେଟିବାକୁ ଆସିଥିବା ଇନ୍ଦ୍ରଧନୁ ମାର୍କେଟ ବିଜନେସ୍ ଡେଭଲପ୍‌ମେଣ୍ଟ ଆସୋସିଏଶନର ସଦସ୍ୟ।

### ଡିସିପି ଅଫିସ ଘେରିଲେ ଅନ୍ୟ ଏକ ଗୋଷ୍ଠୀ

ଏ ନେଇ ଇନ୍ଦ୍ରଧନୁ ମାର୍କେଟ ଆସୋସିଏଶନର ସେକ୍ରେଟାରୀ ପ୍ରଦୀପ କୁମାର ସାହୁ କହିଛନ୍ତି, ଇନ୍ଦ୍ରଧନୁ ମାର୍କେଟ ହେଉଛି ବିଡିଏର ଏକ ମାର୍କେଟ। ଆମକୁ ବିଡିଏ ଘର ବିକ୍ରି ଥିବାରୁ ଏଠି ଦୋକାନ କରିଛୁ। ଦୋକାନ ଆଗରେ ପାର୍କିଂ ସହ ଡ୍ରେନ ଏବଂ ଅନ୍ୟ ବ୍ୟବସ୍ଥା ପାଇଁ ବିଡିଏ ଆମ ପାଖରୁ ଟଙ୍କା ନେଇଛି। ଏହାସହ ମେଣ୍ଟେନାନ୍ସ ବାବଦକୁ ବିଏମ୍‌ସି ମଧ୍ୟ ହୋଲ୍ଡିଂ ଟ୍ୟାକ୍ସ ନେଉଛି। ବିଏମ୍‌ସି ଆମକୁ ଲାଇଟ୍ ସହ ଅନ୍ୟ ପ୍ୟାର୍କିଂ ଏରିଆ ସଫା ରଖିବା ସହ ଅଳିଆ ଉଠାଇବା ସହ ଅନ୍ୟ ସବୁ ବ୍ୟବସ୍ଥା କରିବା କଥା। କିନ୍ତୁ ବର୍ତ୍ତମାନ ପାର୍କିଂ ଏରିଆରେ ଏବେ ଉଠାଦୋକାନୀମାନେ ବସି କରାୟତ କରିବା ସହ ଗଣ୍ଡଗୋଳ ସୃଷ୍ଟି କରୁଛନ୍ତି। ବିଏମ୍‌ସି ଏମାନଙ୍କୁ ଉଠାଇବାକୁ ଉଦ୍ୟମ କଲେ ଉଠା ବ୍ୟବସାୟୀ ସଂଘର ସଭାପତି ସାଲିଆ ସାହିରୁ ମହିଳାଙ୍କୁ ଆଣି ବିରୋଧ କରୁଛି। ଯାହାଫଳରେ ୨୦୧୮ରେ ବିଏମ୍‌ସି ଅଧିକାରୀମାନେ ଏହି ସଭାପତିଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ଏମାନେ ମାର୍କେଟରେ ଉନ୍ନତିମୂଳକ କାର୍ଯ୍ୟକ୍ରମ କରାଇ ଦେଉନାହାନ୍ତି।

ଆମେ ମାର୍କେଟ ଭିତରେ ନିର୍ମାଣ କରିଥିବା ଗଣେଶ ମଣ୍ଡପରେ ପ୍ରତିବର୍ଷ ପୂଜା କରୁ। କିନ୍ତୁ ଏଥର ଉକ୍ତ ବ୍ୟକ୍ତିଙ୍କ ପ୍ରଲୋଚନାରେ ବ୍ୟବସାୟୀମାନେ ଆମକୁ ପୂଜା କରିବାକୁ ବିରୋଧ କଲେ। ମଣ୍ଡପକୁ ଖାଲି କରିବା ପାଇଁ ନୋଟିସ ମାରିଥିଲୁ। କିନ୍ତୁ ସେମାନେ ଜାଣିଶୁଣି ମଣ୍ଡପରୁ କିଛି ଉଠାଇଲେ ନାହିଁ। ସେମାନେ ଗଣ୍ଡଗୋଳ କରିବା ଆଶାରେ ଆମେ ଗଣ୍ଡଗୋଳ ଦିନ ପୂରା ଭିଡିଓ କରିଛୁ। ସେମାନେ ନିଜ ପରିବା ପେଟିକୁ ଫିଙ୍ଗିଥିବା ପ୍ରମାଣ ରହିଛି। ଏ ନେଇ ଡିସିପି ଅନୁପ କୁମାର ସାହୁ କହିଛନ୍ତି ଯେ,ମାର୍କେଟ ଇତେଜନା ପରିସ୍ଥିତି ଥିବାରୁ ଉଭୟଙ୍କ ବିରୋଧରେ ସିଆରପିସି ୧୦୭ ପ୍ରୋସିଡିଂ କରାଯାଉଛି। ଯଦି କେହି ଗଣ୍ଡଗୋଳ କରନ୍ତି ତେବେ ସେମାନେ ବନ୍ଧା ହେବେ।

# ବିଦ୍ୟାଳୟରେ ଶିକ୍ଷକଙ୍କୁ ମୋବାଇଲ ମନା

## ଖୋର୍ଦ୍ଧା ଜିଲାରେ ତୁରନ୍ତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୭।୮(ବ୍ୟୁରୋ)**

ଶିକ୍ଷାନୁଷ୍ଠାନଗୁଡ଼ିକରେ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଶିକ୍ଷକଙ୍କ ଉପରେ କେତେକ କଟକଣା ଜାରି କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ଶିକ୍ଷକମାନେ ଠିକ୍ ସମୟରେ ବିଦ୍ୟାଳୟରେ ପହଞ୍ଚିବା, ନିୟମିତ ଶିକ୍ଷାଦାନ କରିବା ସହ ମୋବାଇଲ ଫୋନ୍ ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ପାଇଁ ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସରକାରଙ୍କ ନିର୍ଦ୍ଦେଶଗୁଡ଼ିକୁ ଖୋର୍ଦ୍ଧା ଜିଲା ଅନ୍ତର୍ଗତ ସମସ୍ତ ସରକାରୀ ତଥା ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ସରକାରଙ୍କ ନିର୍ଦ୍ଦେଶ ପରେ ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ପତ୍ର ଦ୍ୱାରା ଆଦେଶ ଦିଆଯାଇଛି। ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟ ସପ୍ତାହର ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏବଂ ଶନିବାର ସକାଳ ସାଢ଼େ ୬ଟାରୁ ଅପରାହ୍ନ ସାଢ଼େ ୧୨ଟା ପର୍ଯ୍ୟନ୍ତ ବିଦ୍ୟାଳୟ ପରିସରରେ ଶିକ୍ଷକ କିମ୍ବା କୌଣସି ବ୍ୟକ୍ତିବିଶେଷ ଦ୍ୱାରା ମୋବାଇଲ ଫୋନ ବ୍ୟବହାର ହୋଇପାରିବ ନାହିଁ। ସେହିପରି ସମସ୍ତ ବିଦ୍ୟାଳୟ ପରିସରକୁ ନିଶାଦ୍ରବ୍ୟ ନିଷେଧାଞ୍ଚଳ ଘୋଷଣା କରାଯାଇଥିବାରୁ ଏଥିରେ ବ୍ୟତିକ୍ରମ ଦେଖାଗଲେ ସମ୍ପୃକ୍ତ ବ୍ୟକ୍ତି, ଶିକ୍ଷକ ବା କର୍ମକର୍ତ୍ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି କ୍ରମରେ ଖୋର୍ଦ୍ଧା ଜିଲା ଶିକ୍ଷା ପ୍ରକଳ୍ପ ସଂଯୋଜକ ଅମିତା ପଟ୍ଟନାୟକ ଗତ ୨୧ତାରିଖରେ ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଜାଗୁଳେଇପାଟଣା ବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରିଥିଲେ। ଏହି ସମୟରେ ପ୍ରଧାନଶିକ୍ଷକ ଓ ଜଣୈକ ସହକାରୀ ଶିକ୍ଷକଙ୍କୁ ବିଳମ୍ବରେ ପହଞ୍ଚିବାର ଦେଖିଥିଲେ। ସେମାନେ ଏପରି ନିୟମିତ ବିଳମ୍ବରେ ଆସୁଥିବା ସୂଚନା ପାଇବା ପରେ ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ବ୍ଲକ ଶିକ୍ଷାଧିକାରୀ ସମ୍ପୃକ୍ତ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକଙ୍କୁ ନିଲମ୍ବନ କରିଥିବା ଜଣାପଡ଼ିଛି।

# ଦାୟିତ୍ୱ ଗ୍ରହଣ କଲେ କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି



**ଭୁବନେଶ୍ୱର, ୨୭।୮(ବ୍ୟୁରୋ)**

ଓଡ଼ିଶା କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଭାବେ ଦେବାଶିଷ ମହାନ୍ତି ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ କାର୍ଯ୍ୟାଳୟରେ ପହଞ୍ଚିବା ପରେ ନିଗମର ପରିଚାଳନା ନିର୍ଦ୍ଦେଶକ ସଦାନନ୍ଦ ନାୟକ, ସେକ୍ରେଟାରୀ ବାଙ୍କବିହାରୀ ପ୍ରଧାନ, ପ୍ରୋଜେକ୍ଟ ମ୍ୟାନେଜର ପୂର୍ଣ୍ଣେନ୍ଦୁ ପଣ୍ଡା, ନିଗମ କର୍ମଚାରୀ ସଂଘ ସମ୍ପାଦକ ହୃଷିକେଶ ମିଶ୍ର ତାଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟରେ ଯୋଗଦେବା ଅବସରରେ ମହାନ୍ତି କହିଛନ୍ତି ଯେ, କୃଷି ଯନ୍ତ୍ରପାତିରେ ସବ୍‌ସିଡି ଓ ଅନ୍ୟାନ୍ୟ ଜ୍ଞାନକୌଶଳ ଚାଷୀଙ୍କ ନିକଟରେ କିପରି ସହଜରେ ପହଞ୍ଚିପାରିବ ତାହା ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ତେବେ ତାଙ୍କୁ ମିଳିଥିବା ଏହି ଗୁରୁଦାୟିତ୍ୱ ପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ, ମୋରଡା ବିଧାୟକ ରାଜ କିଶୋର ଦାସ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ଓ ମୟୂରଭଞ୍ଜ କେନ୍ଦ୍ର ମିଳିତ ସମବାୟ ବ୍ୟାଙ୍କ ସଭାପତି ରାଜକିଶୋର ଆଚାର୍ଯ୍ୟ ମଧ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଟ୍ୟୁଶନ ଯିବା ବେଳେ ଛାତ୍ରୀଙ୍କୁ ଅସଦାଚରଣ ଘଟଣା

# ୭ଦିନ ପରେ ବି ଅଭିଯୁକ୍ତଙ୍କ ଟେର ପାଉନି ପୋଲିସ

**କଟକ ରୋଡ,୨୭।୮(ଡି.ଏନ୍.ଏ.)**

■ ପୋଲିସର ନିଷ୍କ୍ରିୟତା ନେଇ ଚିନ୍ତାରେ ପରିବାର

■ ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ତଦନ୍ତ ଚଳାଇଛି

ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଜଣେ ନାବାଳିକା ଅସଦାଚରଣ ଶିକାର ହେବା ଘଟଣାକୁ ୭ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ଟେର ପାଇପାରୁନାହିଁ।

ସୂଚନା ଅନୁଯାୟୀ, ରାଜଧାନୀର ଏକ ଘରୋଇ ଇଂଲିଶ ମିଡିୟମ ସ୍କୁଲରେ ଅଷ୍ଟମ ଶ୍ରେଣୀ ପଢୁଥିବା ଛାତ୍ରୀଜଣଙ୍କ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରୁହନ୍ତି। ଗତ ୨୧ତାରିଖ ସକାଳ ପ୍ରାୟ ୫ଟା ୪୫ରେ ଛାତ୍ରୀଜଣଙ୍କ ସାଇକେଲରେ ଟ୍ୟୁଶନ ଯାଉଥିଲେ। ଜଣେ ବ୍ୟକ୍ତି ଏକ ବାଇକ୍‌ରେ ଛାତ୍ରୀଙ୍କ ପିଛା କରିବା ସହ ବିଭିନ୍ନ ପ୍ରଶ୍ନ ପଚାରି ତାଙ୍କ ଠିକଣା ବୁଝିଥିଲେ। ଏହା ପରେ ବ୍ୟକ୍ତିଜଣଙ୍କ ତାଙ୍କୁ ଟଣାଓଟରା କରିବା ସହ ଅସଦାଚରଣ କରିଥିଲେ। ଏ ନେଇ ପରିବାର ଲୋକ ଜାଣିବା ପରେ ସନ୍ଧ୍ୟାରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଦଫା ୩୪୧, ୩୨୩, ୩୫୪-ଏ, ପୋକ୍ସୋ ଆକ୍ଟ(୨୦୧୨)ରେ ଏକ ମାମଲା (ନଂ.୨୩୦/୧୯)ରୁଜୁ କରିଥିଲା। ଛାତ୍ରୀଜଣଙ୍କ ଟ୍ୟୁଶନ ଯିବା ବେଳେ ଘଟିଥିବା ଦୃଶ୍ୟ ନିକଟରେ ଥିବା ସିସିଟିଭି ଫୁଟେଜରୁ ପୋଲିସ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ଦୀର୍ଘ ସମୟ ବିତିଯାଇଥିଲେ ଅଭିଯୁକ୍ତ ଧରା ନ ପଡ଼ିବା ଫଳରେ ଛାତ୍ରୀଙ୍କ ପରିବାର ଲୋକ ପୋଲିସର ନିଷ୍କ୍ରିୟତାକୁ ଦାୟୀ କରିଛନ୍ତି। ଥାନାକୁ ଗଲେ ପୋଲିସ ବିଭିନ୍ନ ଆଳରେ ଅଭିଯୋଗକୁ ଗୁରୁତ୍ୱ ଦେଉ ନ ଥିବା ଛାତ୍ରୀଙ୍କ ଜଣେ ସମ୍ପର୍କୀୟ କହିଛନ୍ତି। ଅନ୍ୟପକ୍ଷରେ ନୂତନ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ମହିଳା, ଶିଶୁ ତଥା ନାବାଳିକାଙ୍କ କ୍ଷେତ୍ରରେ ଘଟୁଥିବା ଅପରାଧ ଓ ଅପରାଧୀଙ୍କ କ୍ଷେତ୍ରରେ କଡ଼ା ଆଭିମୁଖ୍ୟ ଗ୍ରହଣ ପାଇଁ ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ବାସ୍ତବ କ୍ଷେତ୍ରରେ ଏହାର ସଫଳ ରୂପାୟନ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଲକ୍ଷ୍ମୀସାଗର ଥାନା ଅଧିକାରୀ ଦୟାନିଧି ନାୟକ କୁହନ୍ତି, ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଖୁବ୍ ଶୀଘ୍ର ଘଟଣାର ପର୍ଦ୍ଦାଫାସ ହେବ।

## ପରୀ୨ ରଥ ବନ୍ଦ ଥିବା ନେଇ ଜନଅସନ୍ତୋଷ

**ପୁରୁଣା ଭୁବନେଶ୍ୱର,୨୭।୮ (ଡି.ଏନ୍.ଏ.)**

ମହିଳା ଶିଶୁ ବିକାଶ ବିଭାଗ, କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ୍, ଚାଇଲ୍ଡଲାଇନର ମିଳିତ ସହଯୋଗରେ ପରୀ ୨ କାର୍ଯ୍ୟକାରୀ ହେଉଅଛି। ରାଜଧାନୀରେ ଚଳିତମାସରେ ପ୍ରାୟ ୭ ଦିନ ପରୀ ରଥ ଗଡ଼ି ଥିବାବେଳେ ଯୋଜନାଟି ସମ୍ପୂର୍ଣ୍ଣ ବନ୍ଦ ରହିଛି। ଆଉ ତିନିଦିନ ପରେ ପରୀ ୨ର କାର୍ଯ୍ୟକ୍ରମ ଶେଷ ହେବାକୁ ଥିବାବେଳେ ଏବେ ବନ୍ଦ ଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। କ'ଣ ପାଇଁ ଗାଡି ନ ଚାଲି ବନ୍ଦ ହୋଇଛି ତାହା ସାଧାରଣରେ ପ୍ରଶ୍ନ ସୃଷ୍ଟି କରିଛି। ଏ ନେଇ ଡିସିପି ଅନୁପ ସାହୁ କୁହନ୍ତି,ଭୁବନେଶ୍ୱରରେ ପରୀ କାର୍ଯ୍ୟକ୍ରମ ଚାଲିଛି ମାତ୍ର ପରି ରଥ ଗଡୁନି। ଏଥିପାଇଁ ନିୟୋଜିତ ଟିମ୍ ବାହାରକୁ ଯାଇଥିବାରୁ ବନ୍ଦ ରହିଛି।

# କାର୍ଯ୍ୟରେ ଯୋଗଦେଲେ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ



**ଭୁବନେଶ୍ୱର, ୨୭।୮(ବ୍ୟୁରୋ)**

ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ଭାବେ ଅମରେନ୍ଦ୍ର ଦାସ ବୁଧବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଭୁବନେଶ୍ୱର କାର୍ଯ୍ୟାଳୟରେ ଯୋଗଦେବାବେଳେ କ୍ଷୁଦ୍ରଶିଳ୍ପ ନିଗମ ଅଧ୍ୟକ୍ଷ ଚିନ୍ମୟ ସାହୁ, ଶିଶୁ ସୁରକ୍ଷା ସଦସ୍ୟା ମନ୍ଦାକିନୀ କର, କିଟ୍ କ୍ରୀଡା ନିର୍ଦ୍ଦେଶକ ଗଗନେନ୍ଦୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନିଗମ କର୍ମଚାରୀ ଓ ଜଗତସିଂହପୁରର ବିଜେଡି କର୍ମୀକର୍ତ୍ତା ଦାସଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ।

## ନକଲି ବିଲ ମାଧ୍ୟମରେ ଗହଣା ଦୋକାନରୁ ଠକେଇ

# ପୂର୍ବତନ କୋଷାଧ୍ୟକ୍ଷ ଗିରଫ

**କଟକ ରୋଡ,୨୭।୮(ଡି.ଏନ୍.ଏ.)**

ଗହଣା ଦୋକାନରୁ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଉକ୍ତ ଦୋକାନର ପୂର୍ବତନ କୋଷାଧ୍ୟକ୍ଷଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ କୁସୁମି ରାଉତପଡ଼ା ଗ୍ରାମର ପ୍ରଶାନ୍ତ ରାଉତରାୟ। ପ୍ରଶାନ୍ତ ଖାରପଡ଼ା ଓଭରବ୍ରିଜ ନିକଟରେ ଥିବା ଏକ ଗହଣା ଦୋକାନର କୋଷାଧ୍ୟକ୍ଷ ଭାବେ ନିଯୁକ୍ତି ପାଇଥିଲେ। ଦୋକାନ ମାଲିକଙ୍କ ଅଜାଣତରେ ପ୍ରଶାନ୍ତ ଗ୍ରାହକଙ୍କଠାରୁ ନିର୍ଦ୍ଧାରିତ ଅର୍ଥ ନେଇ ବିଲ ଦେବା ପରେ କମ ଟଙ୍କାର ଏକ ନକଲି ବିଲ କରି ମାଲିକଙ୍କୁ ଦର୍ଶାଉଥିଲେ। ଏକ ବିଲ୍‌କୁ ନେଇ ଦୋକାନ ମାଲିକଙ୍କ ସନ୍ଦେହ ହୋଇଥିଲା। ଅଧିକ ଖୋଳତାଡ ପରେ ଦୋକାନର ପ୍ରାୟ ଲକ୍ଷାଧିକ ଟଙ୍କା ଠକେଇ ହୋଇଥିବା ଜଣାପଡିବା ପରେ ପ୍ରଶାନ୍ତ ଦୋକାନରୁ ଚାକିରି ଛାଡି ପଳାଇଥିଲେ। ଏ ନେଇ ଦୋକାନ ମାଲିକ ସଞ୍ଜୟ ପ୍ରସାଦ ବର୍ମା ଗତ ୨୩ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସମ୍ପର୍କରେ ଏକ ମାମଲା (ନଂ.୨୩୨/୧୯) ରୁଜୁ କରି ତଦନ୍ତ ଚଳାଇଥିଲା।

## ସ୍ୱାୟତ୍ତ ଶାସନ ଦିବସ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

# ୧୨୧ ପ୍ରକଳ୍ପର ହେବ ଉଦ୍‌ଘାଟନ, ଶିଳାନ୍ୟାସ

**ସ୍ଥିତପ୍ରଜ୍ଞ ମିଶ୍ର**

**ଭୁବନେଶ୍ୱର, ୨୭।୮(ବ୍ୟୁରୋ):** ଆସନ୍ତା ୩୧ ତାରିଖ ସ୍ୱାୟତ୍ତ ଶାସନ ଦିବସରେ ସହରବାସୀଙ୍କୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଶତାଧିକ ପ୍ରକଳ୍ପ ଭେଟି ଦେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ୱାର୍ଡରେ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯିବ। ଚଳିତବର୍ଷ ବିଏମ୍‌ସି ଲୋକଙ୍କ ନିକଟକୁ ଯାଇ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେଇଛି। କଠିନ ବର୍ଜ୍ୟବସ୍ତୁ ପରିଚାଳନା, ଛୋଟ ଅଞ୍ଚଳରେ ପାର୍କ, ମଳ ଓ ପଚା ଜଳ ପରିଚାଳନା ଲାଗି ଯୋଜନା, ନୂଆ ଡ୍ରେନ ନିର୍ମାଣ ଓ ମୁଖ୍ୟ ଡ୍ରେନର ସମ୍ପ୍ରସାରଣ ସହ ସହରରେ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ଲାଗି ସ୍ଥିର କରାଯାଇଛି। ସେହିପରି ପ୍ରାଥମିକ ବିଦ୍ୟାଳୟର ପୁନରୁଦ୍ଧାର, ହୋମିଓପାଥିକ ଡିସ୍‌ପେନସାରୀ ଲାଗି ଭିତ୍ତିପ୍ରସ୍ତର, କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ ଆଦି ଲାଗି ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି।

### ଉଦ୍‌ଘାଟନ ହେବ ୬୭ ୱାର୍ଡ ଅଫିସ

ଭୁବନେଶ୍ୱରର ମୋଟ ୬୭ ୱାର୍ଡ ମଧ୍ୟରୁ ୬୬ଟିରେ ୱାର୍ଡ ଅଫିସ୍ ଖୋଲିବ। ସ୍ୱାୟତ୍ତଶାସନ ଦିନ ଏହାର ଶୁଭାରମ୍ଭ ହେବ। ପ୍ରତି ୱାର୍ଡ ଅଫିସରେ ଜଣେ ୱାର୍ଡ ଅଫିସର ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିବା ସହ ତୃଣମୂଳସ୍ତରରୁ ସମସ୍ୟାର ସମାଧାନ କରିବେ। ଏଥିସହ ଜଣେ ସାନିଟାରୀ ଇନ୍ସପେକ୍ଟର, ଜଣେ ସିଓ ଓ ଆସିଷ୍ଟାଣ୍ଟ ଇଞ୍ଜିନିୟର ରହିବେ। ଏଥିସହିତ ପରିମଳ ବ୍ୟବସ୍ଥାକୁ ସୁଧାରିବା, ହୋଲଡିଂ ଟିକସ ଆଦାୟ କରିବା ଓ ଟିକସ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଜଳ ନିଷ୍କାସନ ଓ ଅନ୍ୟ ସମସ୍ତ କାର୍ଯ୍ୟର ତଦାରଖ କରିବେ। ବିଭିନ୍ନ ଯୋଜନାର ଆବେଦନ ଫର୍ମ ମିଳିବ।

### ୪୦ ମାଇକ୍ରୋ କମ୍ପୋଷ୍ଟିଂ ପ୍ଲାଣ୍ଟର ଭିତ୍ତିପ୍ରସ୍ତର

ବିଏମ୍‌ସି ପକ୍ଷରୁ ସହରର ୪୦ ସ୍ଥାନରେ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହେବ। ୧୭ଟି ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଆଉ ୨୩ ପାଇଁ ଖୁବ୍‌ଶୀଘ୍ର ହେବ। ଗୋଟିଏ ବଡ଼ ୱାର୍ଡରେ ଗୋଟିଏ କିମ୍ବା ୨/୩ଟି ଛୋଟ ୱାର୍ଡକୁ ନେଇ ଗୋଟିଏ ମାଇକ୍ରୋ କମ୍ପୋଷ୍ଟିଂ ପ୍ଲାଣ୍ଟ କରାଯିବ। ଟେଣ୍ଡର ହୋଇଥିବା ସ୍ଥାନଗୁଡ଼ିକ ହେଲା ୱାର୍ଡ ନଂ. ୧ ଓ ୨ ପାଇଁ ପ୍ରଶାନ୍ତି ବିହାର, ୱାର୍ଡ ନଂ.୬ ପାଇଁ ପ୍ରଶାନ୍ତିବିହାରର ଅନ୍ୟ ସ୍ଥାନ, ୱାର୍ଡ ନଂ.୩ ପାଇଁ ପଟିଆସ୍ଥିତ ବିଡିଏ ପ୍ଲଟ୍, ୱାର୍ଡ ନଂ.୮ ଓ ୧୩ ପାଇଁ ନୀଳାଦ୍ରିବିହାର ବିଡିଏ ପାର୍କ, ୱାର୍ଡ ୭ ଓ ୧୪ ପାଇଁ ନୀଳାଦ୍ରିବିହାର ଇଶାଣେଶ୍ୱର ମନ୍ଦିର ନିକଟ, ୱାର୍ଡ ନଂ.୨୦, ୨୧, ୧୬ ଓ ୨୬ ପାଇଁ ହାତିଆଶୁଣି, ୱାର୍ଡ ନଂ.୯ ଓ ୧୧ ପାଇଁ ଏହି ୱାର୍ଡରେ ଥିବା ଟିଟିଏସ୍ ଜଙ୍କଶନ ନିକଟ, ୱାର୍ଡ ନଂ.୧୨ ଓ ୧୭ ପାଇଁ ସୈନିକ ସ୍କୁଲ ନିକଟ ଟିଟିଏସ୍ ପରିସର, ୱାର୍ଡ ନଂ.୫ ଓ ୧୦ ପାଇଁ ପଳାଶୁଣିସ୍ଥିତ ଆଇଏମ୍‌ଜିଡି ଡବ୍ଲୁଟିପି ନିକଟ, ୱାର୍ଡ ନଂ.୨୨ ଓ ୨୪ ପାଇଁ ଭରତପୁରସ୍ଥିତ ଜିଏ ପ୍ଲଟ୍, ୱାର୍ଡ ନଂ.୨୩ ଓ ୪୯ ପାଇଁ କଳିଙ୍ଗବିହାରସ୍ଥିତ କେ-୭, ୱାର୍ଡ ନଂ.୬୪, ୬୫ ଓ ୬୬ ପାଇଁ ଭଗବାନପୁର ପରିବା ବଜାର ନିକଟ, ୱାର୍ଡ ନଂ.୬୨ ଓ ୬୩ ପାଇଁ ପୋଖରୀପୁଟ ପେଟ୍ରୋଲ ପମ୍ପ ପଛ, ୱାର୍ଡ ନଂ.୨୫ ଓ ୨୭ ପାଇଁ ୨୫ ନମ୍ବର ୱାର୍ଡସ୍ଥିତ ଏନ୍‌୩ ଓ ୱାର୍ଡ ନଂ.୩୨ ଓ ୩୩ ପାଇଁ ଲକ୍ଷ୍ମୀସାଗରସ୍ଥିତ ପିଏଚ୍‌ଇଓ ନିକଟ।

**୩୬୦ ଡିଗ୍ରୀ କମ୍ୟୁନିକେଶନ ପ୍ରଣାଳୀ**

ମାଇକ୍ରୋ କମ୍ପୋଷ୍ଟିଂ ବ୍ୟବସ୍ଥାକୁ ସରଳ କରିବା ପାଇଁ ବିଏମ୍‌ସି ୩୬୦ ଡିଗ୍ରୀ କମ୍ୟୁନିକେଶନ ପ୍ରଣାଳୀ ଆପଣାଇବ। ଅର୍ଥାତ୍ ସହରବାସୀ ଘର, କାର୍ଯ୍ୟାଳୟ, ବ୍ୟବସାୟିକ ପ୍ରତିଷ୍ଠାନ, ହୋଟେଲ ଓ ରେଷ୍ଟୁରାଣ୍ଟଗୁଡ଼ିକରେ ତରଳ ଏବଂ କଠିନ ପାଇଁ ଅଲଗା ଡଷ୍ଟବିନ ରଖିବେ। ବିଏମ୍‌ସି ବ୍ୟାଟେରି ଗାଡ଼ି ମାଧ୍ୟମରେ ଅଲଗା ଅଲଗା କରି ଏସବୁ ବର୍ଜ୍ୟ ସଂଗ୍ରହ କରିବ। ନିୟମ ଉଲ୍ଲଂଘନ କଲେ ୧ ହଜାର ଟଙ୍କା ଯାଏ ଜରିମାନା ଆଦାୟ କରାଯିବ।

### ଡ୍ରେନ ନିର୍ମାଣ, ପୁନରୁଦ୍ଧାର ଲାଗି ଭିତ୍ତିପ୍ରସ୍ତର

ସହରରେ ଜଳବନ୍ଦୀ ସମସ୍ୟା ଦୂର ପାଇଁ ଡ୍ରେନ ନିର୍ମାଣ, ସମ୍ପ୍ରସାରଣ ଓ ପୁନରୁଦ୍ଧାର ପାଇଁ ବିଏମ୍‌ସି ୧୧ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବ। ଏନେଇ ମୋଟ ୭କୋଟି ୨୬ଲକ୍ଷ ୯୨ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ପ୍ରକଳ୍ପଗୁଡିକ ହେଲା ୱାର୍ଡ ନଂ. ୪୪ରୁ ଗଙ୍ଗୁଆ ନୂଆ ଡ୍ରେନ୍, ନୀଳାଦ୍ରିବିହାର ଫାୟାର ଷ୍ଟେଶନଠାରୁ ମୁଖ୍ୟ ଡ୍ରେନ ନଂ. ୧ ପର୍ଯ୍ୟନ୍ତ ନୂଆ ଡ୍ରେନ୍, ୱାର୍ଡ ନଂ.୫୦ସ୍ଥିତ ପାଇକନଗରରେ ନୂଆ ଡ୍ରେନ୍, ୱାର୍ଡ ନଂ.୧୨ ଲକ୍ଷ୍ମୀବିହାରରେ ନୂଆ ଡ୍ରେନ ନିର୍ମାଣ ସହ ପୁରୁଣା ଡ୍ରେନର ପୁନରୁଦ୍ଧାର, ୱାର୍ଡ ନଂ.୨୨ସ୍ଥିତ ପ୍ଲଟ ନଂ.୧୭୦ ନିକଟରେ ମୁଖ୍ୟ ଡ୍ରେନ ନଂ.୩ର ଦୁଇ ପାର୍ଶ୍ୱରେ ୱାଲ୍ ନିର୍ମାଣ, ୱାର୍ଡ ନଂ. ୧୨ରେ ଏକ ଡ୍ରେନର ପୁନରୁଦ୍ଧାର, ୱାର୍ଡ ନଂ.୬୩ରେ ଆଭ୍ୟନ୍ତରୀଣ ଡ୍ରେନ ନିର୍ମାଣ, ୱାର୍ଡ ନଂ.୨୨ ମହାଲକ୍ଷ୍ମୀ ବିହାରରେ ନୂଆ ଆଭ୍ୟନ୍ତରୀଣ ଡ୍ରେନ ନିର୍ମାଣ, ୱାର୍ଡ ନଂ.୨୪ ଜଗନ୍ନାଥ ବିହାର ଲେନ ୧୨ରେ ଆଭ୍ୟନ୍ତରୀଣ ଡ୍ରେନ ସହ ସ୍ଲାବ ନିର୍ମାଣ, ୱାର୍ଡ ନଂ. ୫୫ ନାଗେଶ୍ୱର ଟାଙ୍ଗୀରୁ ମୁଖ୍ୟ ଡ୍ରେନ ନଂ. ୭ ଯାଏ ନୂଆ ଡ୍ରେନ ଓ କେଦାରଗୌରୀ ମନ୍ଦିରରୁ ମୁଖ୍ୟ ଡ୍ରେନ ନଂ. ୭ ପର୍ଯ୍ୟନ୍ତ ନୂଆ ଡ୍ରେନ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସହ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ।

### ଉଦ୍‌ଘାଟନ ହେବ ୧୩ ପାର୍କ

ସହରର ବିଭିନ୍ନ ସ୍ଥାନରେ ୧୩ ପାର୍କର ଉଦ୍‌ଘାଟନ କରାଯିବ। ଅମୃତ ଯୋଜନାରେ ଥିବା ୧୨ ପାର୍କ ମଧ୍ୟରେ ପ୍ରଶାନ୍ତି ବିହାରରେ ୨, ଶୈଳଶ୍ରୀ ବିହାରରେ ୩, ୱାର୍ଡ ନଂ.୧୩ ଚନ୍ଦ୍ରଶେଖରପୁର ବିଡିଏ ଇଡବ୍ଲୁଏସ୍, ନୀଳାଦ୍ରିବିହାର ସେକ୍ଟର-୩, ରେଷ୍ଟାଲ କଲୋନୀ, ମୈତ୍ରିବିହାର, ଭରତପୁର ଜିଏ ପ୍ଲଟ, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ ବ୍ରିଟ୍ କଲୋନୀ ଓ ଆଇଗିଣିଆ ରାଜୀବ ନଗରରେ ଗୋଟିଏ ଲେଖାଏଁ ପାର୍କ ରହିଛି। ସେହିପରି ରାଜୀବ ଆବାସ ଯୋଜନା (ଆର୍‌ଏୱାଇ)ରେ ରଙ୍ଗମାଟିଆ ରଙ୍ଗନାଥ ଦେବ ପାର୍କର ଉଦ୍‌ଘାଟନ କରାଯିବ।

## ଜେଲ୍ ଗଲେ ସ୍ତ୍ରୀ ହତ୍ୟାକାରୀ ଗଣେଶ

**କାକଟପୁର, ୨୭।୮(ଡି.ଏନ୍.ଏ.):** ଚରିତ୍ର ଉପରେ ସନ୍ଦେହ କରି ସ୍ତ୍ରୀଙ୍କୁ ନୃଶଂସ ଭାବେ ପିଟିପିଟି ହତ୍ୟା କରି ମୁଣ୍ଡରୁ ଗଣ୍ଡି ଅଲଗା କରି କଟାମୁଣ୍ଡକୁ ଧରି ଥାନାରେ ଆତ୍ମସମର୍ପଣ କରିଥିବା ଅସ୍ତରଙ୍ଗ ବ୍ଲକ ରାଇବେରୁଆଁ ଗ୍ରାମର ଗଣେଶ ବେହୁରାଙ୍କୁ ଜେଲ୍ ଯିବାକୁ ପଡ଼ିଛି। ମଙ୍ଗଳବାର ଗଣେଶଙ୍କୁ ଅସ୍ତରଙ୍ଗ ଥାନା ପୋଲିସ ଅସ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ ନିମାପଡ଼ା କୋର୍ଟକୁ ଚାଲାଣ କରିଥିଲା। କୋର୍ଟରେ ତାଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି। ଏନେଇ ଅସ୍ତରଙ୍ଗ ଥାନାରେ ଦଫା ୪୯୮(ଏ), ୩୦୪(ବି), ୩୦୨, ୩୪ ଆଇପିସିରେ ୮୨/୧୯ ନମ୍ବରରେ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଥିବା ଅସ୍ତରଙ୍ଗ ଆଇଆଇସି ଶରତ କୁମାର ନାୟକ କହିଛନ୍ତି। ସୂଚନା ଥାଉ କି, ଗଣେଶ ଚେନ୍ନାଇର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। କିଛିଦିନ ହେଲା ଗାଁକୁ ଆସିଥିବାବେଳେ ସ୍ତ୍ରୀଙ୍କ ଚରିତ୍ର ଉପରେ ସନ୍ଦେହ କରିଥିଲେ। ରବିବାର ରାତିରେ ପାଟିତୁଣ୍ଡବେଳେ ଗଣେଶ ଉତ୍କ୍ଷିପ୍ତ ହୋଇ ଏକ ଶାବଳରେ ସ୍ତ୍ରୀ ଅନ୍ନପୂର୍ଣ୍ଣାଙ୍କୁ ପିଟି ମାରି ଦେଇଥିଲେ। ପରେ ଏକ କଟୁରିରେ ତାଙ୍କ ମୁଣ୍ଡକୁ ଗଣ୍ଡିରୁ ଅଲଗା କରି ଦେଇଥିଲେ।

# ମାଲେସିଆ ଜାହାଜ କଣ୍ଟେନର ଓଲଟିଲା

**ପୁରୀ ଅଫିସ/ବ୍ରହ୍ମଗିରି,(ଡି.ଏନ୍.ଏ.)୨୭।୮**

## ଆଜି କଢାଯିବ ତେଲ: ଜିଲାପାଳ



ମାଲେସିଆର ଏକ ପଣ୍ୟବାହୀ ଜାହାଜ ଅଚଳ ହୋଇପଡ଼ିବାରୁ କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚିଲିକା ମୁହାଣର ରାଜହଂସ ଓ ଖିରିସାହି ଗାଁ ନିକଟ ବଙ୍ଗୋପସାଗର ଉପକୂଳରେ ଅଟକି ରହିଛି। ଧୀରେ ଧୀରେ ଏହାର କଣ୍ଟେନର ଦବୁଥିବାବେଳେ ମଙ୍ଗଳବାର ଏହା ଓଲଟି ପଡ଼ିଛି। ପୂର୍ବରୁ ଏହା ଯେଉଁ ପାର୍ଶ୍ୱକୁ ଦବୁଥିଲା ସେହି ପଟକୁ ଓଲଟି ପଡ଼ିଛି। ତେବେ ଏହି ଜାହାଜ ଇଞ୍ଜିନରେ ଥିବା ତେଲ ବୁଧବାର କଢାଯିବ। ଏଥିଲାଗି ଏକ ଟିମ୍ ପହଞ୍ଚି ସାରିଥିବା ଜିଲାପାଳ ବଲୱନ୍ତ ସିଂ ସୂଚନା ଦେଇଛନ୍ତି।

ସୋମବାର ଜାହାଜ ଇଞ୍ଜିନରେ ଥିବା ୩୦ହଜାର ଲିଟର ତେଲ କଢାଯିବାର ଥିଲା। କିନ୍ତୁ ତେଲ କାଢିବାକୁ ଥିବା ଟିମ୍ ଘଟଣାସ୍ଥଳରେ ପହଞ୍ଚି ପାରି ନ ଥିବାରୁ ଏହି କାର୍ଯ୍ୟ ସ୍ଥଗିତ ରହିଛି। ଏ ସମ୍ପର୍କରେ ଜିଲାପାଳ କହିଛନ୍ତି, ଜାହାଜ ମାଲିକଙ୍କ ପକ୍ଷରୁ ଗତ ୩ ଦିନ ତଳେ ତେଲ କଢାଯିବ ବୋଲି ସୂଚନା ଦିଆଯାଇଥିଲା। ମଙ୍ଗଳବାର ସେମାନେ ଏକ ଛୋଟ କଣ୍ଟେନର ଆଣି ପହଞ୍ଚିଛନ୍ତି। ବୁଧବାର ତେଲ କାଢି ସେହି କଣ୍ଟେନରରେ ନେଇ ଜେଟିକୁ ଯିବେ। ଏହି ତେଲ କାଢିବା ପ୍ରକ୍ରିୟା ପ୍ରାୟ ୩ଦିନ ଧରି ଚାଲିବ। ଏହାପରେ ସେମାନେ ଜାହାଜକୁ ନେବାର ବ୍ୟବସ୍ଥା କରିବେ।

ସୂଚନାଯୋଗ୍ୟ, ଏହି ଜାହାଜ ଚଳିତ ମାସ ୨ତାରିଖରେ ମୋଙ୍ଗଲା ବନ୍ଦରରୁ ବାହାରି ବିଶାଖାପାଟଣା ଅଭିମୁଖେ ଯାଇଥିଲା। ସେଠାରୁ ଫେରିବାବେଳେ ଅଚଳ ହୋଇପଡ଼ିବାରୁ ଓଡ଼ିଶା ଉପକୂଳକୁ ଚାଲି ଆସିଥିଲା। ଏଥିସହ ଏହାର ବୈଷୟିକ ତ୍ରୁଟି ମଧ୍ୟ ପରିଲକ୍ଷିତ ହୋଇଥିଲା। ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ଏହାର ମାଲିକଙ୍କୁ ଏ ବିଷୟରେ ଜଣାଇ ଦିଆଯିବା ସହ ଏଥିରେ ଥିବା ତେଲ ଲିକ୍ ହେଲେ ଚିଲିକାର ଜୈବ ବିବିଧତାକୁ ନଷ୍ଟ କରିବ ବୋଲି ଜଣାଇଥିଲା। ତେଣୁ ତୁରନ୍ତ ତେଲ କାଢି ଜାହାଜ ନେବାକୁ କୁହାଯାଇଥିଲା। ଏହାପରେ ପ୍ରଶାସନ ପକ୍ଷରୁ ଏ ଦିଗରେ ତତ୍ପରତା ପ୍ରକାଶ ପାଇଥିଲା। ଜାହାଜ ମାଲିକଙ୍କ ସହ ଯୋଗାଯୋଗ କରାଯାଇ ତେଲ କାଢିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିରେ ୩୦ ହଜାର ଲିଟର ଡିଜେଲ, ୧ ହଜାର ଲିଟର ଲ୍ୟୁବ ଅଏଲ ଏବଂ ୨୦୦ ଲିଟର ହାଇଡ୍ରୋଲିକ ତେଲ ରହିଛି।

# ସାପ କାମୁଡ଼ାରେ ବୃଦ୍ଧ ମୃତ

**ବାରଙ୍ଗ,୨୭।୮(ଡି.ଏନ୍.ଏ.)**

ମେଣ୍ଢାଶାଳ ଫାଣ୍ଡି ଅଧୀନ ଗିରିଙ୍ଗାପୁଟ ଗ୍ରାମରେ ମଙ୍ଗଳବାର ଏକ ନାଗସାପ କାମୁଡି ଦେବାରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ସେହି ଗ୍ରାମର ଅଧିକାରୀ ବେହେରା(୭୫)। ଅଧିକାରୀ ଘରେ ଶୋଇଥିବାବେଳେ ମଙ୍ଗଳବାର ବଡ଼ିଭୋରରେ ଏକ ନାଗ ସାପ ଆସି ତାଙ୍କୁ ଚୋଟ ମାରିଥିଲା। ତାଙ୍କର ଉଠିବା ବିଳମ୍ବ ହେବାରୁ ପରିବାରଲୋକ ଡାକିଥିଲେ ମଧ୍ୟ ସେ ଉଠି ନ ଥିଲେ। ପରେ ସାପ ମାରିଥିବାର ଜାଣି ସଙ୍ଗେସଙ୍ଗେ ପରିବାର ଲୋକ ଅଧିକାରୀଙ୍କୁ ମେଣ୍ଢାଶାଳ ପ୍ରାଥମିକ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିବାବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ନଂ ୧୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।






### ମଦ ଦୋକାନ ଲାଇସେନ୍ସ ବାତିଲ ମାମଲା

# ଝାରସୁଗୁଡ଼ା ଏଡିଏମ୍, ବରଗଡ଼ ଜିଲାପାଳଙ୍କ ତଦନ୍ତ ରିପୋର୍ଟ ଦାଖଲ

**କଟକ ଅଫିସ, ୨୭।୮**

ମଦ ଦୋକାନ ଲାଇସେନ୍ସ ବାତିଲ ମାମଲାରେ ଝାରସୁଗୁଡ଼ା ଅତିରିକ୍ତ ଜିଲାପାଳ(ଏଡିଏମ୍) ଓ ବରଗଡ଼ ଜିଲାପାଳ ଜ୍ୟୋତି ରଞ୍ଜନ ପ୍ରଧାନ ମଙ୍ଗଳବାର ହାଇକୋର୍ଟରେ ତଦନ୍ତ ରିପୋର୍ଟ ଦାଖଲ କରିଛନ୍ତି। ଉକ୍ତ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ୍ କେ.ଆର୍. ମହାପାତ୍ରଙ୍କ ଖଣ୍ଡପୀଠ ଉପରୋକ୍ତ ଦୁଇ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ମଙ୍ଗଳବାର ଉଭୟ ଅଧିକାରୀ ଅଦାଲତରେ ହାଜର ହୋଇ ଜଉମୁଦ ଲଫାପାରେ ନିଜର ତଦନ୍ତ ରିପୋର୍ଟ ଦାଖଲ କରିଥିଲେ।

ମାମଲାରରୁ ପ୍ରକାଶ, କେ. ବି. ପଟ୍ଟନାୟକଙ୍କ ମଦ ଦୋକାନ ଲାଇସେନ୍ସ ମଞ୍ଜୁର ହୋଇଥିବାବେଳେ ସ୍ଥାନୀୟ ବାସିନ୍ଦାଙ୍କ ବିରୋଧ ଯୋଗୁ ଦୋକାନ ଖୋଲି ନ ଥିଲା। ତେବେ ଅବକାରୀ ବିଭାଗ ତାଙ୍କ ନିକଟରୁ ଦେୟ ଦାବି କରିବାରୁ ଏହାକୁ ଚ୍ୟାଲେଞ୍ଜ କରି ପଟ୍ଟନାୟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ମାର୍ଚ୍ଚ ୧୯ରେ ହାଇକୋର୍ଟ ମାମଲାର ଶୁଣାଣି କରି ସରକାରଙ୍କୁ ନୋଟିସ ଜାରି କରିଥିଲେ। ଉକ୍ତ ଦେୟ ଆଦାୟ ଲାଗି ଅବକାରୀ ବିଭାଗ ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା ତାହା ଉପରେ ମଧ୍ୟ ହାଇକୋର୍ଟ ଅନ୍ତରୀଣ ଅଙ୍କୁଶ ଲଗାଇଥିଲେ। ମାତ୍ର ବିଭାଗ ପଟ୍ଟନାୟକଙ୍କ ଲାଇସେନ୍ସ ରଦ୍ଦ କରିବା ସହ ନୂତନ ଲାଇସେନ୍ସ ଲାଗି ବିଜ୍ଞପ୍ତି ପ୍ରକାଶ କରିଥିଲା। ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଉଲ୍ଲଙ୍ଘନ କରି ଝାରସୁଗୁଡ଼ା ଜିଲାପାଳ ଗତ ଏପ୍ରିଲ ୨୫ରେ ସାନି ନିର୍ଦ୍ଦେଶନାମା ଜାରି କରିଥିଲେ। ଏହାକୁ ନେଇ ପଟ୍ଟନାୟକ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ପୂର୍ବରୁ ହାଇକୋର୍ଟ ଝାରସୁଗୁଡ଼ା ଜିଲାପାଳଙ୍କୁ ନିଲମ୍ବନ କରିବା ଲାଗି ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଜିଲାପାଳ ଜ୍ୟୋତି ରଞ୍ଜନ ପ୍ରଧାନ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବାରୁ ଉକ୍ତ ଆଦେଶ ପ୍ରତ୍ୟାହୃତ ହୋଇଥିଲା। ତେବେ ପ୍ରଧାନ ଆଉ ଝାରସୁଗୁଡ଼ା ଜିଲାପାଳ ରହିବେ ନାହିଁ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିବା ପରେ ତାଙ୍କୁ ବରଗଡ଼ ଜିଲାପାଳ ଭାବେ ଅବସ୍ଥାପିତ କରାଯାଇଥିଲା। ଆସନ୍ତା ସେପ୍ଟେମ୍ବର ୨୪ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଜଣାପଡ଼ିଛି।









## କୋରାପୁଟ ବିଧାୟକଙ୍କ ପଦ ରଦ୍ଦ ପାଇଁ ହାଇକୋର୍ଟରେ ମାମଲା

**କଟକ ଅଫିସ,୨୭।୮:** ଗତ ସାଧାରଣ ନିର୍ବାଚନରେ କୋରାପୁଟ ବିଧାନସଭା ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିବା ବିଜେଡି ପ୍ରାର୍ଥୀ ରଘୁରାମ ପଡ଼ାଲଙ୍କ ପଦ ରଦ୍ଦ କରିବା ଲାଗି ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ନିର୍ବାଚନ ବେଳେ ବିଧାୟକ ନିଜ ସତ୍ୟପାଠରେ ଯେଉଁ ଜନ୍ମତାରିଖ ଦେଇଥିଲେ ସେଥିରେ ଅସାମଞ୍ଜସ୍ୟ ରହିଛି। ଉକ୍ତ ତଥ୍ୟକୁ ନେଇ କୋରାପୁଟର ଆଇନଜୀବୀ କୃଷ୍ଣଚନ୍ଦ୍ର ସାଁ ଚ୍ୟାଲେଞ୍ଜ କରିବା ସହ ରଘୁରାମଙ୍କ ପଦକୁ ଅସିଦ୍ଧ କରିବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ନିବେଦନ କରିଛନ୍ତି। ଆବେଦନକାରୀ ଏହି ମାମଲାରେ ବିଧାୟକ ରଘୁରାମଙ୍କ ସହ କୋରାପୁଟ ଜିଲାପାଳ, ରାଜ୍ୟ ନିର୍ବାଚନ କମିଶନଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଆଇନଜୀବୀ ଆବେଦନପତ୍ରରେ ଦର୍ଶାଇଛନ୍ତି, ବିଧାୟକ ଗତ ନିର୍ବାଚନ ଏବଂ ଚଳିତବର୍ଷ ନିର୍ବାଚନବେଳେ ଯେଉଁ ସତ୍ୟପାଠ ଦାଖଲ କରିଥିଲେ ସେଥିରେ ଅସାମଞ୍ଜସ୍ୟ ରହିଛି। ଦୁଇଟି ସତ୍ୟପାଠରେ ଦିଆଯାଇଥିବା ଜନ୍ମ ତାରିଖରେ ପ୍ରାୟ ୨ବର୍ଷ ଅନ୍ତର ରହିଛି। ଫଳରେ ତାଙ୍କର ପ୍ରକୃତ ଜନ୍ମତାରିଖ ଜଣା ପଡୁ ନ ଥିବାରୁ ତାଙ୍କ ସତ୍ୟପାଠରେ ମିଥ୍ୟା ତଥ୍ୟ ଦିଆଯାଇଛି। ଏଣୁ ହାଇକୋର୍ଟ ଉକ୍ତ ମାମଲାର ତଦନ୍ତ କରି ତାଙ୍କ ପଦ ରଦ୍ଦ ପାଇଁ ଆଦେଶ ଦେବାକୁ ସେ ପ୍ରାର୍ଥନା କରିଛନ୍ତି।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



“ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ, ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି ।
-ମିଲ୍‌ଟନ୍



## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର ଯୁବକ କୋର୍ଟଚାଲାଣ

**ବଡ଼ମ୍ବା,୨୭।୮(ଡି.ଏନ.ଏ.):** ବଡ଼ମ୍ବା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ସୋମବାର ବଳାତ୍କାର କରାଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ନଂ-୧୬୬/୧୯ ରୁଜୁ କରି ତଦନ୍ତ ଚଳାଇଥିଲା। ମଙ୍ଗଳବାର ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଡ଼ମ୍ବା ଉପକାରାଗାରାକୁ ପଠାଇ ଦିଆଯାଇଛି। ସମ୍ପୃକ୍ତ ଯୁବକ ହେଲେ ଥାନା ଅଧୀନ ଯୋଡୁମ ଗ୍ରାମର ଗାନ୍ଧୀ ସ୍ୱାଇଁ (୨୨)। ସେ ସମ୍ପୃକ୍ତ ଯୁବତୀଙ୍କୁ ବଳାତ୍କାର କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

### ଆହତ ଅଜଗର ଉଦ୍ଧାର

**ବାଙ୍କୀ,୨୭।୮(ସ୍ୱ.ପ୍ର.):** ବାଙ୍କୀ ନୂଆଗାଁ ନିକଟରୁ ସୋମବାର ଏକ ୮ଫୁଟ୍‌ର ଅଜଗର ଉଦ୍ଧାର କରାଯାଇଥିଲା। ଅଜଗରଟି ରାସ୍ତା ପାର ହେଉଥିବା ସମୟରେ ଏକ ଗାଡ଼ି ତା'ଉପରେ ଚଢ଼ି ଯାଇଥିଲା। ଫଳରେ ସେ ଆହତ ହୋଇଥିଲା। ଗ୍ରାମବାସୀ ଏହା ଦେଖି ସ୍ନେକ୍ ହେଲ୍ପଲାଇନର ସହାୟତା ଲୋଡ଼ିଥିଲେ। ସ୍ନେକ ହେଲ୍ପଲାଇନ ସଂଯୋଜକ ଲଳିତ ପଣ୍ଡା ଓ ସଦସ୍ୟ ଦୁର୍ଗାମାଧବ ମହାପାତ୍ର ପହଞ୍ଚି ଆହତ ଅଜଗରକୁ ଉଦ୍ଧାର କରିଥିଲେ। ପରେ ଖୋର୍ଦ୍ଧା ବନଖଣ୍ଡ ରେଞ୍ଜର ଉତ୍ତମ ଗଡ଼ନାୟକଙ୍କ ପରାମର୍ଶ କ୍ରମେ ଅଜଗରକୁ ଶିଶୁଆ ନିକଟସ୍ଥ ଫରେଷ୍ଟ ଅଫିସରେ ରଖାଯାଇଥିଲା। ମଙ୍ଗଳବାର ତା'ର ଚିକିତ୍ସା କରାଯିବା ପରେ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ସାଲେପୁର,୨୭।୮(ଡି.ଏନ.ଏ.):** ସାଲେପୁର ବ୍ଲକ ଅଧୀନ ଓଷଦ ଆଞ୍ଚଳିକ ସାଧନକେନ୍ଦ୍ର ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷାଧିକାରୀ ରଜନୀକାନ୍ତ ଦାଶ ଓ ଶିକ୍ଷୟିତ୍ରୀ ଶାନ୍ତିଲତା ତ୍ରିପାଠୀଙ୍କ ଉଦ୍ଦେଶ୍ୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। କିଶିନାପୁର ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ସଭାରେ ଓଷଦ ଆଞ୍ଚଳିକ ସାଧନକେନ୍ଦ୍ର ପୂର୍ବତନ ସଂଯୋଜକ ଗୌରଚରଣ ଭୂୟାଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସାଲେପୁର ବ୍ଲକ ଏବିଇଓ ଜଗବନ୍ଧୁ ଶତପଥୀ ଯୋଗଦେଇ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ଦ୍ୱୟଙ୍କ କର୍ମମୟ ଜୀବନୀ ସମ୍ପର୍କରେ ଆଲୋକପାତ କରିବା ସହ ଉଭୟଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ସମ୍ମାନିତ ଅତିଥି ସିଆରସିସି ସେକ୍ ଅଫଜଲ୍ ହୁସେନ୍, ଅରୁଣ ବଳ, ପ୍ରଦ୍ୟୁମ୍ନ ଷଡ଼ଙ୍ଗୀ, ସୟଦ୍ ଜ୍ୟାକି ଅମିନ୍, ସ୍ମିତା ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜନ ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉଭୟଙ୍କୁ କ୍ଲଷ୍ଟର୍ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ପଦ୍ମାବତୀ ମାଝିଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା

**ତିଗିରିଆ,୨୭।୮(ଡି.ଏନ.ଏ.):** ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଜଗନ୍ନାଥ ମାଝିଙ୍କ ସ୍ତ୍ରୀ ପଦ୍ମାବତୀଙ୍କ ବିୟୋଗରେ ସଂଗ୍ରାମୀ ପରିବାରର ଏକ ଅପୂରଣୀୟ କ୍ଷତି ଘଟିଲା। ପଦ୍ମାବତୀ ଜଣେ ପରୋପକାରୀ ଓ ମିଷ୍ଟଭାଷୀ ଥିଲେ। ସେ ସର୍ବଦା ଶିକ୍ଷାର ମୁଖ୍ୟ ସ୍ରୋତରେ ଅନ୍ୟକୁ ସାମିଲ କରିବାକୁ ପ୍ରବର୍ତ୍ତାଉଥିଲେ ବୋଲି ପଦ୍ମାବତୀ ମାଝି ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରକାଶ କରିଛନ୍ତି। ତିଗିରିଆ ବ୍ଲକ ଅଚଳକୋଟସ୍ଥିତ ବାସଭବନରେ ପରଲୋକ ଗମନ କରିଥିବା ପଦ୍ମାବତୀଙ୍କ ବିୟୋଗରେ ପୂର୍ବତନ ବ୍ଲକ ଅଧକ୍ଷ ଭାଗିରଥୀ ନନ୍ଦଙ୍କ ପୌରୋହିତ୍ୟରେ ଏହି ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ସମ୍ମାନିତ ଅତିଥି ଅଚ୍ୟୁତାନନ୍ଦ ଜେନା, ରଶ୍ମିତା ପରିଡ଼ା, ବ୍ଲକ ଉପାଧକ୍ଷ ଗୌରହରି ପରିଡ଼ା, କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବ ପ୍ରସାଦ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରତ୍ୟୁଷ କୁମାର ବେହେରା, ବିଶ୍ୱ ଭୂଷଣ ମାଝି, ପ୍ରଜ୍ଞା ପାରମିତା ପ୍ରଧାନ, ପ୍ରଦୀପ୍ତା ଜୁଜାରସିଂ, ଗୌରବ ରାଉତ ପ୍ରମୁଖଙ୍କୁ ପଦ୍ମାବତୀ ମାଝି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ■ କମିଶନରେଟ୍ ପୋଲିସର ଗଣେଶ ପୂଜା ପ୍ରସ୍ତୁତି ବୈଠକ

# ବିଧାୟକଙ୍କୁ ନ ଡାକିବାରୁ ତେଜିଲା ବିବାଦ

**କଟକ ଅଫିସ,୨୭।୮**

କମିଶନରେଟ୍ ପୋଲିସ ପକ୍ଷରୁ ଗଣେଶ ପୂଜା ନିମନ୍ତେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମଙ୍କୁ ନିମନ୍ତ୍ରଣ ନ କରାଯିବା ଘଟଣା ଏବେ ବିବାଦୀୟ ମୋଡ଼ ନେଲାଣି। ପାର୍ବଣ ଆରମ୍ଭ ପୂର୍ବରୁ ଏହି ଘଟଣାକୁ ନେଇ ସହରରେ ବେଶ ଚର୍ଚ୍ଚା ଆରମ୍ଭ ହୋଇଛି। କଟକର ପୁରାତନ ପରମ୍ପରାକୁ ଭାଙ୍ଗିବା ପାଇଁ ତଥା ଗୋଷ୍ଠୀ ତିଆରି କରିବା ପାଇଁ ସରକାରୀ କର୍ମଚାରୀମାନେ ଷଡ଼ଯନ୍ତ୍ର କରୁଛନ୍ତି ବୋଲି ବିଧାୟକ ମୋକିମ କହିଛନ୍ତି। ଏ ନେଇ ବିଧାୟକ ମୋକିମ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ପୋଲିସ ମହାନିର୍ଦ୍ଦେଶକ, ପୋଲିସ କମିଶନର, ଜିଲାପାଳ ନିକଟକୁ ଅଭିଯୋଗ ପତ୍ର ଲେଖିଛନ୍ତି। ଏହାଛଡ଼ା କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କୁ ସେ ଅଭିଯୋଗପତ୍ର ଲେଖିଥିବା ଜଣାପଡ଼ିଛି। ମୋକିମ ନିଜ ଅଭିଯୋଗ ପତ୍ରରେ ପୋଲିସ ବିଭାଗର ବଡ଼ବଡ଼ ଅଧିକାରୀଙ୍କ ଉପରେ ଦୋଷାରୋପ କରିଛନ୍ତି। କଟକର ଭାଇଚାରାକୁ ନଷ୍ଟ କରିବା ପାଇଁ ପୋଲିସ ଉଦ୍ୟମ କରୁଛି ବୋଲି ବିଧାୟକ ମୋକିମ ଦର୍ଶାଇଛନ୍ତି। ଏ ନେଇ ଡିସିପି ଅଖିଳେଶ୍ୱର ସିଂ କୁହନ୍ତି, କଟକର ପରମ୍ପରାକୁ କ୍ଷୁର୍ଣ୍ଣ କରିବା ପୋଲିସର ଲକ୍ଷ୍ୟ ନୁହେଁ। ସମସ୍ତ ପୂଜା କମିଟିକୁ ନିମନ୍ତ୍ରଣ କରାଯାଇଥିଲା। ହେଲେ ରାଜନେତାମାନଙ୍କୁ ନିମନ୍ତ୍ରଣ କରାଯାଇ ନଥିଲା ବୋଲି ଡିସିପି କହିଥିଲେ।

ସୂଚନାଯୋଗ୍ୟ, ଗତ ୯ ତାରିଖରେ କଟକ ସାରଳା ଭବନରେ କମିଶନରେଟ୍ ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ଦିନ ବିଧାୟକ ମୋକିମ କଟକରେ ନ ଥିଲେ। ହେଲେ ତାଙ୍କୁ ବୈଠକ ହେବା ନେଇ କୌଣସି ସୂଚନା ଦିଆଯାଇ ନ ଥିଲା ବୋଲି ସେ କହିଛନ୍ତି। ପୂର୍ବରୁ ଅନେକ ବର୍ଷ ଧରି ପୋଲିସ ପ୍ରଶାସନର ଗଣେଶ ପୂଜା ପ୍ରସ୍ତୁତି ବୈଠକରେ ସହରର ସମସ୍ତ ବରିଷ୍ଠ ରାଜନେତାଙ୍କୁ ନିମନ୍ତ୍ରଣ କରାଯାଉଥିଲା। ରାଜନେତା ଭାବେ ପରିଚୟ ପାଇଥିବା ବ୍ୟକ୍ତି କଟକ ସହର ସହ ଜନ୍ମରୁ ଜଡ଼ିତ। ଏଣୁ କଟକରେ ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ସେମାନଙ୍କ ମତ ଲୋଡା ଯାଉଥିଲା। କଟକକୁ ଭଲରେ ଜାଣି ନ ଥିବା ସରକାରୀ କର୍ମଚାରୀ ଏବେ ଏହାର ପରମ୍ପରାକୁ ଭାଙ୍ଗିବା ପାଇଁ ଚେଷ୍ଟା କରୁଛନ୍ତି ବୋଲି ବିଧାୟକ ମୋକିମ କହିଛନ୍ତି। କଟକ ମହାନଗର ପୂଜା କମିଟି ସମ୍ପାଦକ ତ୍ରିପାଠୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଥିଲେ, କଟକର ବୃହତ୍ତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ତ କାର୍ଯ୍ୟ କରାଯିବ। କାହା ପ୍ରଚେଷ୍ଟାରେ ସହରର ପରମ୍ପରା ଭଙ୍ଗ କରାଯିବନାହିଁ। ଆଗାମୀ ଦିନରେ ଏ ଦିଗରେ ବିଶେଷ ଧ୍ୟାନ ଦିଆଯିବ।



ସମୀକ୍ଷା ବୈଠକରେ ବିଧାୟକ ଓ ଅନ୍ୟ ଅଧିକାରୀ ଉପସ୍ଥିତ।

## କାଳିଆ, ରାଶନକାର୍ଡରେ ଆଧାର ଲିଙ୍କ୍ କାର୍ଯ୍ୟ ସମୀକ୍ଷା କଲେ ବିଧାୟକ

**ବଡ଼ମ୍ବା,୨୭।୮(ଡି.ଏନ.ଏ.)**

ରାଶନକାର୍ଡରେ ଆଧାର ଲିଙ୍କ, କାଳିଆ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ ଏବଂ ଅଯୋଗ୍ୟଙ୍କୁ ବାଦ୍ ଦେବା ଉପରେ ଏକ ସମୀକ୍ଷା ବୈଠକ ମଙ୍ଗଳବାର ବଡ଼ମ୍ବା ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବିଧାୟକ ଦେବୀପ୍ରସାଦ ମିଶ୍ର ଏଥିରେ ଅଧକ୍ଷତା କରିଥିଲେ। କାଳିଆ ଯୋଜନାରେ ଯେପରି ଯୋଗ୍ୟ ହିତାଧିକାରୀ ବାଦ୍ ନ ପଡ଼ନ୍ତି ସେଥିପ୍ରତି ଗୁରୁତ୍ୱ ଦେବାକୁ ବିଧାୟକ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ସେହିପରି ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବାରେ ଯେପରି ଅବହେଳା କରା ନ ଯାଏ ସେ ଦିଗରେ ମଧ ଦୃଷ୍ଟି ଦେବାକୁ କହିଥିଲେ। ବ୍ଲକ ଅଞ୍ଚଳରେ ପ୍ରାୟ ୫୫ ହଜାର ହିତାଧିକାରୀ କାଳିଆ ଯୋଜନାରେ ସାମିଲ ହୋଇଥିବାବେଳେ ମାତ୍ର ୧୧୯୪ଜଣଙ୍କୁ ଅଯୋଗ୍ୟ ଦର୍ଶାଯାଇଛି। ହେଲେ ଏହାର ସ୍ପଷ୍ଟ ସୂଚନା ମିଳି ପାରିନାହିଁ। ସେହିପରି ରାଶନକାର୍ଡ ସହ ଆଧାର ସଂଯୋଗ କରାଯିବା ଉପରେ ବିଧାୟକ ମିଶ୍ର ସମୀକ୍ଷା କରିଥିଲେ। ଆଧାର ସଂଯୋଗ କାର୍ଯ୍ୟ ଯେପରି ଠିକ୍‌ରେ ଶେଷ କରାଯିବ ତା' ଉପରେ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାକୁ କିପରି ସରଳୀକରଣ କରାଯାଇଛି ତା'ଉପରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ଅନୁସୟା ନାଏକ, ଉପାଧକ୍ଷ ସଦାନନ୍ଦ ସ୍ୱାଇଁ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ରଘୁପତି ମହାନ୍ତି, ବିଡିଓ ସଦାନନ୍ଦ ସେଠୀ, ବଡ଼ମ୍ବା ସହକାରୀ କୃଷି ଅଧିକାରୀ ପ୍ରଭାତୀ ରାମ୍, କାଳିଆ ଯୋଜନା ପାଇଁ ନିଯୁକ୍ତ ପିଓ, ସମବାୟ ସମିତି ସମ୍ପାଦକ ଓ ଅନ୍ୟକର୍ମଚାରୀ ଉପସ୍ଥିତ ଥିଲେ।



ବିଜ୍ଞାନମେଳାରେ ପ୍ରଦର୍ଶିତ ହୋଇଥିବା ପ୍ରକଳ୍ପଗୁଡିକୁ ଅତିଥି ବୁଲି ଦେଖୁଛନ୍ତି।

## ୧୪୨ ଲିଟର ଦେଶୀମଦ ଜବତ, ୫ ଗିରଫ

**ଆଠଗଡ଼,୨୭।୮(ସ୍ୱ.ପ୍ର.)**

କଟକ ଜିଲାପାଳ ଭବାନୀ ଶଙ୍କର ଚୟନି ଓ ଅବକାରୀ ଅଧୀକ୍ଷକ ଅଶୋକ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅଞ୍ଚଳରେ ମଙ୍ଗଳବାର ଏକ ବଡ଼ ଧରଣର ଅବକାରୀ ଚଢ଼ାଉ କରାଯାଇଛି। ଏହି ସମୟରେ ୧୮୨ଲିଟର ଚୋରା ଦେଶୀମଦ ଓ ମଦପ୍ରସ୍ତୁତି ପାଇଁ ଗଚ୍ଛିତ ଥିବା ୩୪୨୦ ଲିଟର ପୋଚ ଜବତ କରାଯାଇଛି। ଏଥିସହିତ ଘଟଣାରେ ସମ୍ପୃକ୍ତ ଥିବା ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଆଠଗଡ଼ ଥାନା ଅଧୀନ କୋରଙ୍ଗା ଗ୍ରାମର କରୁଣାକର ଦେହୁରୀ, ହୁଲ୍ଲାସ ସାହୁ, ଲିଙ୍ଗାପଦାର ପ୍ରଦୀପ ମଲ୍ଲିକ, ପ୍ରମୋଦ ପରିଡ଼ା ଓ ଅଶୋକ ସାମଲ। ଏମାନେ ଚୋରା ମଦ ବ୍ୟବସାୟ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଆଠଗଡ଼ ଅବକାରୀ ବିଭାଗ ଏବଂ ଜିଲା ଅବକାରୀ ୨ନଂ ଭ୍ରାମ୍ୟମାଣ ସ୍କାଡ୍ ମିଳିତ ଭାବେ ବନବିଭାଗ ଓ ପୋଲିସ ସହାୟତାରେ ଚଢାଉ କରିଥିଲେ। ଜିଲା ଭ୍ରାମ୍ୟମାଣ ସ୍କାଡ୍ ଇନସ୍ପେକ୍ଟର ପ୍ରବୀର ସାମଲ ଓ ଆଠଗଡ଼ ଅବକାରୀ ଇନ୍ସପେକ୍ଟର ସଞ୍ଜିତ ବାର୍ଲା, ଏସଆଇ ରମେଶ ଚନ୍ଦ୍ର ଶତପଥୀ, ବିଜୟ ଭଞ୍ଜ ଓ ଏଏସଆଇ ନିରଞ୍ଜନ ସାହୁ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

## ମୋ ସ୍କୁଲ୍ ଅଭିଯାନ କାର୍ଯ୍ୟକ୍ରମ

**ସାଲେପୁର,୨୭।୮(ଡି.ଏନ.ଏ.)**

ସାଲେପୁର ବ୍ଲକ ଅଧୀନ ବହୁଗ୍ରାମ ବିବେକାନନ୍ଦ ବିଦ୍ୟାପୀଠରେ ମୋସ୍କୁଲ୍ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ସରକାର ଶିକ୍ଷା କ୍ଷେତ୍ରରେ ଅନେକ ଯୋଜନା ପ୍ରଣୟନ କରିବା ସହ ଏହାର ସଫଳ ରୂପାୟନ ପାଇଁ ଚେଷ୍ଟା ଜାରି ରଖିଛନ୍ତି ବୋଲି ମତପ୍ରକାଶ କରିଥିଲେ। ପ୍ରାରମ୍ଭରେ ମୁଖ୍ୟଅତିଥି ବିଦ୍ୟାଳୟ ପରିସରରେ ଅବସ୍ଥିତ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ମୋସ୍କୁଲ୍ ଅଭିଯାନ ଅନୁଦାନରୁ ନିର୍ମିତ ଥଣ୍ଡା ପାନୀୟଜଳ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ବିଧାୟକ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ କୁନ୍ତଳା କୁମାରୀ ଖଟୁଆ ପୌରୋହିତ୍ୟ କରିବା ସହ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହିତ ସରକାରଙ୍କ ମିଶନ ଜିରୋ ଏଫ୍ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ଅଭିଭାବକ, ପୁରାତନ ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କୁ ଅବଗତ କରିଥିଲେ। ବହୁଗ୍ରାମ ସରପଞ୍ଚ ମିଳିରାଣୀ ବୋଷ, ଚଳଚ୍ଚିତ୍ର ପ୍ରଯୋଜକ ଦିଲୀପ ଦାଶ, ଅଜୟ ସିଂହ, ପରମାନନ୍ଦ ମୁଦୁଲି, ବିଜୟ ରାୟ, ଶିବରାମ ସେଠୀ, ଗୋପବନ୍ଧୁ ସାହୁଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ରହି ବିଦ୍ୟାଳୟର ଉନ୍ନତି ପାଇଁ ସହଯୋଗ କରିବେ ବୋଲି କହିଥିଲେ। ଶେଷରେ ବିଦ୍ୟାଳୟ ପରିସରରେ ମୁଖ୍ୟଅତିଥି ଚାରାରୋପଣ କରି ବିଦ୍ୟାଳୟ ଉନ୍ନତି ପାଇଁ ବିଧାୟକ ପାଣ୍ଠିରୁ ୫ଲକ୍ଷ ଟଙ୍କା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ବିଶ୍ୱନାଥ ବିଦ୍ୟାପୀଠରେ ବିଜ୍ଞାନ ମେଳା

**ଆଠଗଡ଼,୨୭।୮(ସ୍ୱ.ପ୍ର.)**

ଆଠଗଡ଼ ବିଶ୍ୱନାଥ ବିଦ୍ୟାପୀଠରେ ମଙ୍ଗଳବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରେକ୍ଷାଗୃହରେ ଆୟୋଜିତ ମେଳାକୁ ପ୍ରଧାନଶିକ୍ଷକ ରୁଦ୍ରନାରାୟଣ ସାମଲ ଉଦ୍‌ଘାଟନ କରିଥିଲେ। ଛାତ୍ରମାନେ ବିଭିନ୍ନ ବିଷୟବସ୍ତୁ ଉପରେ ପର୍ଯ୍ୟବେଶିତ ୪୦ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀଶିକ୍ଷକ ରମେଶ ସ୍ୱାଇଁ, ସରିତା ମିଶ୍ର, ଦିପ୍ତୀମୟୀ ସାହୁ, କାଶୀନାଥ ସାହୁ ଓ ମୃତ୍ୟୁଞ୍ଜୟ ରଥଙ୍କ ତତ୍ତ୍ୱାବଧାନରେ ଏହି ମେଳା ଅନୁଷ୍ଠିତ ହୋଇଥିଲା। କଣ୍ଟୋଲସ୍ଥିତ ଅଚ୍ୟୁତାନନ୍ଦ ବିଦ୍ୟାପୀଠ ବିଜ୍ଞାନ ଶିକ୍ଷକ ପ୍ରିୟବ୍ରତ ପଟ୍ଟନାୟକ ଓ ରଜତ ଦାସ ପ୍ରକଳ୍ପ ଗୁଡିକୁ ଅନୁଧାନ କରିବା ସହ ଶ୍ରେଷ୍ଠ ପ୍ରକଳ୍ପ ଚୟନ କରିଥିଲେ। ଅପରାହ୍ନରେ ପ୍ରଧାନଶିକ୍ଷକ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ପ୍ରମୋଦ ଜେନା, ସମ୍ମାନିତ ଅତିଥି ଶିକ୍ଷାବିତ୍ ରଘୁନାଥ ସାହୁ ଓ ସ୍କୁଲ ପରଚାଳନା କମିଟି ସଭାପତି ବିଜୟ ସାହୁ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଶ୍ରେଷ୍ଠ ପ୍ରକଳ୍ପ ପ୍ରଦର୍ଶନ କରିଥିବା ବରିଷ୍ଠ ବର୍ଗରେ ୯ମ ଶ୍ରେଣୀର ପ୍ରତୀକ ମିଶ୍ର(କେଶର ଉପଯୋଗିତା) ୧ମ, ହରିହର ଚୌଧୁରୀ(ସ୍ୱୟଂଚାଳିତ ସୁରକ୍ଷା ବ୍ୟବସ୍ଥା) ୨ୟ ଓ ସ୍ମୃତିରଞ୍ଜନ ସାହୁ (ବିନା ମାଟିରେ ଚାରାରୋପଣ)୩ୟ ସ୍ଥାନ ଅଧିକାର କରିଥିଲେ। କନିଷ୍ଠ ବର୍ଗରେ ୮ମ ଶ୍ରେଣୀର ଲୋହିତ ସାହୁ(ପରିବେଶ ପ୍ରଦୂଷଣ ଓ ସୁରକ୍ଷା)୧ମ, ସନ୍ଦୀପ ଆନନ୍ଦ(ଅତ୍ୟାଧୁନିକ ସହରରେ ଗମନାଗମନର ସୁବ୍ୟବସ୍ଥା)୨ୟ ଓ ଶୁଭମ ନାୟକ(ସ୍ୱଚ୍ଛତା ଅଭିଯାନ) ୩ୟ ସ୍ଥାନ ଅଧିକାର କରିଥିଲେ। ଶିକ୍ଷୟିତ୍ରୀ ଅର୍ଚ୍ଚନା ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ଦିପ୍ତୀମୟୀ ସାହୁ ଧନ୍ୟବାଦ ଦେଇଥିଲେ।

## ବାଙ୍କୀ କଲେଜରେ କଷ୍ଟ ଆକାଉଣ୍ଟିଂ ପାଠ୍ୟକ୍ରମ ଆରମ୍ଭ

**ବାଙ୍କୀ,୨୭।୮(ସ୍ୱ.ପ୍ର.)**

ବାଙ୍କୀ କଲେଜ ବାଣିଜ୍ୟ ବିଭାଗ ପକ୍ଷରୁ କଷ୍ଟ ଆକାଉଣ୍ଟିଂ ପାଠ୍ୟକ୍ରମ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହି ଉପଲକ୍ଷେ କଲେଜ ଅଡିଟୋରିୟମରେ ଏକ ଆଲୋଚନାଚକ୍ର ଅଧକ୍ଷ ଡ.ବାବାଜୀ ଚରଣ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ କଟକ, ଜଗତ୍‌ସିଂହପୁର କଷ୍ଟ ଆକାଉଣ୍ଟିଂ ଡିଭିଜନ ନିର୍ଦ୍ଦେଶକ ବିଚିତ୍ରାନନ୍ଦ ବଳ, ମୁଖ୍ୟବକ୍ତା ଚାଟାର୍ଡଆକାଉଣ୍ଟାଟ୍ ଦୀପ୍ତ କୁମାର ନନ୍ଦ, ସମ୍ମାନିତ ଅତିଥି ସେସୁର ମ୍ୟାନେଜର ଗୋବର୍ଦ୍ଧନ ନାୟକ, ଓପିଟିସିଏଲ୍ ଡିଜିଏମ୍ ଲଳିତ କୁମାର ମିଶ୍ର ଯୋଗଦେଇ ଯୁକ୍ତ ୩ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଛତ୍ରୀଛାତ୍ର ଏହି ପାଠକ୍ୟମ ପଢିପାରିବେ ବୋଲି କହିଥିଲେ। ଏଥିସହିତ ପାଠ୍ୟକ୍ରମ ଦ୍ୱାରା ଛତ୍ରୀଛାତ୍ର କିପରି ଆତ୍ମନିଯୁକ୍ତି ପାଇପାରିବେ ସେ ବିଷୟରେ ବିଷଦ ଆଲୋଚନା କରିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ନିରଞ୍ଜନ ମହାନ୍ତି ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶେଷ ଅତିଥିଭାବେ କଲେଜ ପରିଚାଳନା କମିଟି ସଭ୍ୟ ସମରେନ୍ଦ୍ର ମହାପାତ୍ର, ସନାତନ ବେହେରା, ସନ୍ତୋଷ ରଣା, ସୌମେନ୍ଦ୍ର ମିଶ୍ର ଯୋଗଦେଇ ଛତ୍ରୀଛାତ୍ର ଏହାର ସୁବିଧା ନେଇ ଭବିଷ୍ୟତରେ ଆତ୍ମନିର୍ଭରଶୀଳ ହୋଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ସମୀର ମହାପାତ୍ର ଏହି ପାଠ୍ୟକ୍ରମ ଉପରେ ଛତ୍ରୀଛାତ୍ରଙ୍କୁ ବହୁ ଉପଦେୟ ତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ମ୍ୟାନେଜମେଣ୍ଟ ଏଣ୍ଡ୍ ଆକାଉଣ୍ଟସ୍ ଅଫ ଇଣ୍ଡିଆ କଲିକତାଦ୍ୱାରା ଆୟୋଜନ କରାଯାଇଥିଲା। ଯୁକ୍ତ ୩ର ସମସ୍ତ ବିଭାଗ ଛତ୍ରୀଛାତ୍ର ଉପସ୍ଥିତ ଥିଲେ। କଲେଜ ଉପାଧକ୍ଷ ସଦାନନ୍ଦ ବାରିକ, ପ୍ରାଧାପକ ମନୋଜ ମହାପାତ୍ର, ଡ.ଅରୁଣ ବେହେରା, ଅଧାପକ ମନୋରଞ୍ଜନ ସାହୁଙ୍କ ସମେତ ସମସ୍ତ ଅଧାପକ ଯୋଗଦେଇ ମତ ପ୍ରଦାନ କରିଥିଲେ। ଶେଷରେ ଅଧାପକ ଯୁଗୋଳ କିଶୋର ମଣ୍ଡଳ ଧନ୍ୟବାଦ ଦେଇଥିଲେ।

## ଜାତୀୟ କ୍ରୀଡ଼ାଦିବସ ପାଇଁ ପ୍ରସ୍ତୁତି ବୈଠକ

**ବାଙ୍କୀ,୨୭।୮(ସ୍ୱ.ପ୍ର.)**

ଆସନ୍ତା ୨୯ ତାରିଖରେ ରାଣୀଶୁକଦେଇ ମହିଳା ମହାବିଦ୍ୟାଳୟଠାରେ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯିବ। ଏନେଇ ଏକ ପ୍ରସ୍ତୁତି ବୈଠକ ବାଙ୍କୀ ଆଥଲେଟିକ୍ ଆସୋସିଏଶନ ଉପସଭାପତି ବିବେକାନନ୍ଦ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ଅନୁସାରେ, ଦିବସ ଦିନ ଏକ ବିରାଟ ଗଣ ଦୌଡ଼ ଅନୁଷ୍ଠିତ ହେବ। ଏହା ଚକାପଦା ଏମ୍‌ଇସ୍କୁଲଠାରୁ ବାହାରି ବାଙ୍କୀ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯିବ। ବାଙ୍କୀ ଅଞ୍ଚଳର ଯୁବତୀଯୁବକ ଏଥିରେ ଭାଗନେବାକୁ ଇଚ୍ଛା କରୁଥିଲେ ସେମାନେ ଉକ୍ତ ସ୍ଥାନରେ ଉପସ୍ଥିତ ରହି ଭାଗନେବା ପାଇଁ ଆସୋସିଏଶନ ସାଧାରଣ ସମ୍ପାଦକ ସନ୍ତୋଷ ରଣା ସୂଚନା ଦେଇଛନ୍ତି। ବୈଠକରେ କେଶବଚନ୍ଦ୍ର ବେହେରା, ବୃନ୍ଦାବନ ପ୍ରଧାନ, ପ୍ରଶାନ୍ତ ଦାସ, ଜିତେନ୍ଦ୍ର ସିଂହଦେଓ, ଦୟାନିଧି ମହାପାତ୍ର, ରବୀନ୍ଦ୍ର ପ୍ରଧାନ, କୃପାସିନ୍ଧୁ ପ୍ରଧାନ, ମୀନକେତନ ପରିଡ଼ା, ନିରଞ୍ଜନ ସାହୁ ଓ ବରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବୁଲା ବିକାଳିଙ୍କୁ ଆକ୍ରମଣ କରି ଯୁବକ ଅଟକ

**ନିଶ୍ଚିନ୍ତକୋଇଲି,୨୭।୮(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟିକଟା ପଞ୍ଚାୟତ ପାରସାଇଲୋ ଗ୍ରାମରେ ମଙ୍ଗଳବାର ଜଣେ ବୁଲାବିକାଳଙ୍କୁ ଆକ୍ରମଣ ହୋଇଛି। ଏହି ସୂଚନା ପାଇବା ପରେ ପୋଲିସ ପହଞ୍ଚି ସମ୍ପୃକ୍ତ ଆକ୍ରମଣକାରୀ ଯୁବକଙ୍କୁ ଆଣି ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ହେଲେ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଅନ୍ୟପକ୍ଷରେ ସମ୍ପୃକ୍ତ ଯୁବକ ଜଣେ ମାନସିକ ବିକାରଗ୍ରସ୍ତ ବୋଲି ତାଙ୍କ ଗ୍ରାମର କେତେଜଣ ଲୋକ କହିଛନ୍ତି।

ସୂଚନା ଅନୁସାରେ, ମେଦିନାପୁର ଅଞ୍ଚଳର ଶମ୍ଭୁ ସିଂ(୪୦) କେଣ୍ଡାଳ ପଞ୍ଚାୟତର ଜୁଲୁକିପଡ଼ାରେ ରହିବା ସହ ବିଭିନ୍ନ ଗ୍ରାମ ବୁଲି ବେପାର କରନ୍ତି। ମଙ୍ଗଳବାର ଶମ୍ଭୁ ପାରସାଇଲୋ ଗ୍ରାମକୁ ବେପାର ପାଇଁ ଯାଇଥିଲା। ସେଠାରେ ବେପାର କରୁଥିବା ସମୟରେ ହଠାତ ଗ୍ରାମର ବାପୁନି ଓରଫ ପ୍ରମୋଦ ଦାସ ଏକ ଭୁଜାଲି ଆଣି ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଶମ୍ଭୁଙ୍କ ହାତ ପାପୁଲି କଟିଯିବା ସହ ଅନ୍ୟସ୍ଥାନରେ କ୍ଷତାକ୍ତ ହୋଇଥିଲା। ଏହାଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଏଥିସହ ଶମ୍ଭୁଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ପୋଲିସ ପ୍ରମୋଦଙ୍କୁ ତାଙ୍କ ଘରୁ କାବୁ କରିବା ସହ ଏକ ଆଟାଚ ଜବତ କରିଛି। ପୋଲିସ କହିବା ଅନୁସାରେ, ପ୍ରମୋଦ ଆକ୍ରମଣ କରିଥିବା ଅସ୍ତ୍ରକୁ ଏହି ଆଟାଚରେ ରଖି ଚାବି ଅନ୍ୟତ୍ର ଫୋପାଡି ଦେଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ଶୁଭ୍ରାଂଶୁ ପରିଡ଼ା କହିଛନ୍ତି, ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ହେଲେ ଏହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ■ ରାସ୍ତାରେ ଭାସୁଛି ନର୍ଦ୍ଦମା ପାଣି

# ତହସିଲଦାରଙ୍କୁ ଅଭିଯୋଗ କଲେ ସାହିବାସୀନ୍ଦା

**ସାଲେପୁର,୨୭।୮(ଡି.ଏନ.ଏ.)**

ସାଲେପୁର ବ୍ଲକ ଅନ୍ତର୍ଗତ ପିକୋଳ ପଞ୍ଚାୟତ ସାଇଗୋଡ଼ା ଗ୍ରାମର ବେହେରା ସାହି ରାସ୍ତାରେ ନର୍ଦ୍ଦମା ପାଣି ଜମି ରହୁଛି। ଏହାକୁ ନେଇ ସାହିବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ସେମାନେ ତହସିଲଦାରଙ୍କ ନିକଟରେ ସୋମବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି, ଗ୍ରାମର ମୁଖ୍ୟ ରାସ୍ତାକୁ ସଂଯୋଗ କରିଥିବା ବେହେରା ସାହି ରାସ୍ତା ପାର୍ଶ୍ୱରେ କେତେଜଣ ଲୋକ ଡ୍ରେନ୍ କରି ପରିବେଶ ଦୂଷିତ କରୁଛନ୍ତି। ଏପରି କି ଏହି ଡ୍ରେନ୍‌ର ଦୂଷିତ ପାଣି ରାସ୍ତା ଉପରେ ଜମି ରହୁଛି। ଫଳରେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଦୂଷିତ ପାଣି ଜମି ରହିବା ଯୋଗୁ ଗ୍ରାମବାସୀ ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି। ଏହି ରାସ୍ତାଟି ମୁଖ୍ୟ ରାସ୍ତା ହୋଇଥିବାରୁ ଗ୍ରାମର ଛୋଟ ପିଲାଠାରୁ ଆରମ୍ଭ କରି ସାଧାରଣ ଲୋକ ଯାତାୟାତ କରିବାକୁ ବାଧ ହେଉଛନ୍ତି। ତେଣୁ ପ୍ରଶାସନ ଦୃଷ୍ଟି ଦେଇ ଏହାର ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି। ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ଅଭିଯୋଗ ପତ୍ର ଗ୍ରହଣ କରି ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ସମୀର ରଞ୍ଜନ ଦାଶ କହିଛନ୍ତି, ପିକୋଳ ରାଜସ୍ୱ ନିରୀକ୍ଷକଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ ସମସ୍ୟାର ସମାଧାନ କରାଯିବ।



ବେହେରା ସାହି ରାସ୍ତାରେ ଜମିଥିବା ନର୍ଦ୍ଦମା ପାଣି।



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ, ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି ।
-ମିଲ୍ଟନ୍



## ସଂକ୍ଷେପରେ

### ଚୋରି: ଅଭିଯୁକ୍ତ ଗିରଫ

କଟକ ସଦର,୨୭।୮(ଡି.ଏନ୍.ଏ.): ଚୋରି ଅଭିଯୋଗରେ ୪୨ ମୌଜା ଫାଣ୍ଡି ପୋଲିସ ନୀଳମାଧବ ସ୍ୱାଇଁ(୨୦)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ସୋମବାର ରାତିରେ ଏହି ଫାଣ୍ଡି ଅଧୀନ କଦମପଡା ଭୂଆଶୁଣୀ ଲେନ୍‌ର ସବ୍ୟସାଚୀ ମିଶ୍ରଙ୍କ ଘରୁ ନୀଳମାଧବ ଟଙ୍କା ଓ ମୋବାଇଲ ଚୋରି କରିଥିଲେ। ଏ ନେଇ କଟକ ସଦର ଥାନାରେ କେସ୍ (ନଂ.୩୭୨/୧୯) ରୁଜୁ ହୋଇଛି।

### ଅର୍ଥଶାସ୍ତ୍ର ବିଭାଗର ଆଲୋଚନାଚକ୍ର

କଟକ ଅଫିସ, ୨୭।୮: ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଅର୍ଥଶାସ୍ତ୍ର ବିଭାଗ ପକ୍ଷରୁ ସାପ୍ତାହିକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଭାଗର ସେମିନାର ଉପଦେଷ୍ଟା ଡ. ଆଶିଷ କୁମାର ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟ ଶାସନ ସଚିବ ଡ. ସତ୍ୟନାରାୟଣ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ଡ. ମହାନ୍ତିଙ୍କ ଦ୍ୱାରା ରଚିତ 'ଆଇନା ମିଛ କୁହେନା' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ଚିତ୍ତରଞ୍ଜନ ନାୟକଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଛାତ୍ରୀ ମୁଗ୍ଧା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ଆଇନଜୀବୀ ସତ୍ୟପ୍ରିୟ ମହାପାତ୍ରଙ୍କ ପରଲୋକ

କଟକ ଅଫିସ,୨୭।୮ :ବରିଷ୍ଠ ଆଇନଜୀବୀ ସତ୍ୟପ୍ରିୟ ମହାପାତ୍ର(୮୧)ଙ୍କ ରବିବାର ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପୁତ୍ର, ୪ଝିଅ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ। ମୃତ୍ୟୁ ପରେ ତାଙ୍କ ମରଶରୀରକୁ ହାଇକୋର୍ଟ ପରିସରକୁ ନିଆଯାଇଥିଲା। ସେଠାରେ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତି, ସମ୍ପାଦକ ସଞ୍ଜୟ ଦାସଙ୍କ ସମେତ ବହୁ ଆଇନଜୀବୀ ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ମହାପାତ୍ରଙ୍କ ଘର କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର କଦଳୀବଣ ଗ୍ରାମରେ। ସେ ପଟ୍ଟାମୁଣ୍ଡାଇ ଏମ୍.ଏନ୍. ହାଇସ୍କୁଲରୁ ମାଟ୍ରିକ ପାସ୍ କରିବା ପରେ ରେଭେନ୍‌ଶା ମହାବିଦ୍ୟାଳୟରୁ ସ୍ନାତକୋତ୍ତର ଓ ଏମ୍ଏସ୍ ଆଇନ ମହାବିଦ୍ୟାଳୟରେ ଆଇନଶିକ୍ଷା ଶେଷ କରିଥିଲେ। ସେ ଜଣେ ଛାତ୍ରନେତା ଭାବେ ପରିଚିତ ଥିଲେ। ଏଥିସହିତ ସେ ୧୯୬୪ରେ ବିଷୁବ ସମ୍ମାନରେ ସମ୍ମାନିତ ହୋଇଥିଲେ। ସେହିପରି ଓଏସ୍ଆର୍‌ଟିସି, ରାଜସ୍ୱ ପରିଷଦ ସହିତ ଏକାଧିକ ବିଭାଗରେ ଷ୍ଟାଣ୍ଡିଂ କାଉନସିଲର ଭାବେ ମଧ ସେ କାର୍ଯ୍ୟ କରିଥିଲେ।

### ଜବରଦଖଲ ଉଚ୍ଛେଦ

ଫୁଲନଖରା,୨୭।୮(ଡି.ଏନ୍.ଏ.): କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ମଙ୍ଗଳବାର ପୁରୁଣା କାଚରାମାଳ ଗ୍ରାମ୍ୟ ରାସ୍ତାପାର୍ଶ୍ୱରେ ଜବରଦଖଲରେ ଥିବା ଦୋକାନଗୁଡିକୁ ଉଚ୍ଛେଦ କରାଯାଇଛି। ସିଏମ୍‌ସି ଡେପୁଟି କମିଶନର ଅବିନାଶ ରାଉତ, ପ୍ରଭାକର ସାହୁ ଓ କଟକ ସଦର ପୋଲିସ ଉପସ୍ଥିତିରେ ଏହି ଉଚ୍ଛେଦ କରାଯାଇଥିଲା। ଆସନ୍ତା ସପ୍ତାହରେ ଫୁଲନଖରା ଛକ ସର୍ଭିସ ରୋଡକୁ ଅବରୋଧ କରିଥିବା ଦୋକାନକୁ ଉଚ୍ଛେଦ କରାଯିବ ବୋଲି ସିଏମ୍‌ସି ଅଧିକାରୀମାନେ କହିଛନ୍ତି।

### ଶ୍ରଦ୍ଧାଞ୍ଜଳି ସଭା

କଟକ ସଦର,୨୭।୮(ଡି.ଏନ୍.ଏ.): କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ପ୍ରଧାପକ ସରୋଜ କୁମାର ସୁବୁଦ୍ଧିଙ୍କ ବିୟୋଗରେ ସୋମବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଅଧକ୍ଷ ଶାରଦା ପ୍ରସନ୍ନ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଓ ପୁରାତନ ଛାତ୍ର ଯୋଗଦେଇଥିଲେ।

### ତାଲିମ ଶିବିର

କଟକ ସଦର,୨୭।୮(ଡି.ଏନ୍.ଏ.): ନିମେଇସାପୁର ପଞ୍ଚାୟତ ଅଧୀନ ବିରିବାଟୀର କୃଷକ ବିଦ୍ୟାଳୟରେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାଷୀମାନଙ୍କୁ କୀଟ ଓ ରୋଗ ନାଶକ ସମ୍ପର୍କରେ ବ୍ଲକ ବୈଷୟିକ ପରିଚାଳକ ଦେବାଶିଷ ଦାସ ତାଲିମ ପ୍ରଦାନ କରିଥିଲେ। ଫସଲରୁ ଉଡ଼ନ୍ତା କୀଟକୁ ଦମନ କରିବା ସମ୍ପର୍କରେ କୌଶଳ ପ୍ରଦର୍ଶନ କରାଯାଇଥିଲା। ଏହି ଶିବିରକୁ କଟକ ସଦର ବ୍ଲକ ଆତ୍ମାର ଉପସଭାପତି ସମର ବେହେରା ଉଦ୍‌ଘାଟନ କରିଥିଲେ। ସରପଞ୍ଚ ତ୍ରିଲୋଚନ ସ୍ୱାଇଁ, ମୋନାଲିସା ବେହେରା ଓ ଦାମୋଦର ଦଳେଇ ଉପସ୍ଥିତ ଥିଲେ। ଏହି ଶିବିରରେ ୩୦ଜଣ ଚାଷୀ ତାଲିମ ଗ୍ରହଣ କରିଥିଲେ।

■ କମିଶନରେଟ୍ ପୋଲିସର ଗଣେଶପୂଜା ପ୍ରସ୍ତୁତି ବୈଠକ

# ବିଧାୟକଙ୍କୁ ଡକାଗଲାନି, ତେଜିଲା ବିବାଦ

କଟକ ଅଫିସ,୨୭।୮

କମିଶନରେଟ୍ ପୋଲିସର ଗଣେଶପୂଜା ନିମନ୍ତେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମଙ୍କୁ ନିମନ୍ତ୍ରଣ ନ କରାଯିବା ଘଟଣା ଏବେ ବିବାଦୀୟ ମୋଡ଼ ନେଲାଣି। ପାର୍ବଣ ଆରମ୍ଭ ପୂର୍ବରୁ ଏହି ଘଟଣାକୁ ନେଇ ସହରରେ ବେଶ ଚର୍ଚ୍ଚା ଆରମ୍ଭ ହୋଇଛି। କଟକର ପୁରାତନ ପରମ୍ପରାକୁ ଭାଙ୍ଗିବା ପାଇଁ ତଥା ଗୋଷ୍ଠୀ ତିଆରି କରିବା ପାଇଁ ସରକାରୀ କର୍ମଚାରୀମାନେ ଷଡ଼ଯନ୍ତ୍ର କରୁଛନ୍ତି ବୋଲି ବିଧାୟକ ମୋକିମ କହିଛନ୍ତି। ଏ ନେଇ ବିଧାୟକ ମୋକିମ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ପୋଲିସ ମହାନିର୍ଦ୍ଦେଶକ, ପୋଲିସ କମିଶନର, ଜିଲାପାଳ ନିକଟକୁ ଅଭିଯୋଗ ପତ୍ର ଲେଖିଛନ୍ତି। ଏହାଛଡ଼ା କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କୁ ସେ ଅଭିଯୋଗପତ୍ର ଲେଖିଥିବା ଜଣାପଡ଼ିଛି। ମୋକିମ ନିଜ ଅଭିଯୋଗ ପତ୍ରରେ ପୋଲିସ ବିଭାଗର ବଡ଼ବଡ଼ ଅଧିକାରୀଙ୍କ ଉପରେ ଦୋଷାରୋପ କରିଛନ୍ତି। କଟକର ଭାଇଚାରାକୁ ନଷ୍ଟ କରିବା ପାଇଁ ପୋଲିସ ଉଦ୍ୟମ କରୁଛି ବୋଲି ବିଧାୟକ ମୋକିମ ଦର୍ଶାଇଛନ୍ତି। ଏ ନେଇ ଡିସିପି ଅଖିଳେଶ୍ୱର ସିଂ କୁହନ୍ତି, କଟକର ପରମ୍ପରାକୁ କ୍ଷୁଣ୍ଣ କରିବା ପୋଲିସର ଲକ୍ଷ୍ୟ ନୁହେଁ। ସମସ୍ତ ପୂଜା କମିଟିକୁ ନିମନ୍ତ୍ରଣ କରାଯାଇଥିଲା। ହେଲେ ରାଜନେତାମାନଙ୍କୁ ନିମନ୍ତ୍ରଣ କରାଯାଇ ନଥିଲା ବୋଲି ଡିସିପି କହିଥିଲେ।

ସୂଚନାଯୋଗ୍ୟ, ଗତ ୯ ତାରିଖରେ କଟକ ସାରଳା ଭବନରେ କମିଶନରେଟ୍ ପୋଲିସ ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ଦିନ ବିଧାୟକ ମୋକିମ କଟକରେ ନ ଥିଲେ। ହେଲେ ତାଙ୍କୁ ବୈଠକ ହେବା ନେଇ କୌଣସି ସୂଚନା ଦିଆଯାଇ ନ ଥିଲା ବୋଲି ସେ କହିଛନ୍ତି। ପୂର୍ବରୁ ଅନେକ ବର୍ଷ ଧରି ପୋଲିସ ପ୍ରଶାସନର ଗଣେଶ ପୂଜା ପ୍ରସ୍ତୁତି ବୈଠକରେ ସହରର ସମସ୍ତ ବରିଷ୍ଠ ରାଜନେତାଙ୍କୁ ନିମନ୍ତ୍ରଣ କରାଯାଉଥିଲା। ରାଜନେତା ଭାବେ ପରିଚୟ ପାଇଥିବା ବ୍ୟକ୍ତି କଟକ ସହର ସହ ଜନ୍ମରୁ ଜଡ଼ିତ। ଏଣୁ କଟକରେ ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ସେମାନଙ୍କ ମତ ଲୋଡା ଯାଉଥିଲା। କଟକକୁ ଭଲରେ ଜାଣି ନ ଥିବା ସରକାରୀ କର୍ମଚାରୀ ଏବେ ଏହାର ପରମ୍ପରାକୁ ଭାଙ୍ଗିବା ପାଇଁ ଚେଷ୍ଟା କରୁଛନ୍ତି ବୋଲି ବିଧାୟକ ମୋକିମ କହିଛନ୍ତି। କଟକ ମହାନଗର ପୂଜା କମିଟି ସମ୍ପାଦକ ତ୍ରିପାଠୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଥିଲେ, କଟକର ବୃହତ୍ତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ତ କାର୍ଯ୍ୟ କରାଯିବ। କାହା ପ୍ରଚେଷ୍ଟାରେ ସହରର ପରମ୍ପରା ଭଙ୍ଗ କରାଯିବନାହିଁ। ଆଗାମୀ ଦିନରେ ଏ ଦିଗରେ ବିଶେଷ ଧ୍ୟାନ ଦିଆଯିବ।



ଗଣେଶ ପୂଜା ପାଇଁ କଟକ ଫିରିଙ୍ଗି ବଜାର ଅଞ୍ଚଳରେ କାରିଗର ପୂର୍ଣ୍ଣଚନ୍ଦ୍ର ସିଂ ଓ ତାଙ୍କ ସହଯୋଗୀ ଜରିରେ ମେଢ଼ ପ୍ରସ୍ତୁତ କରୁଛନ୍ତି ।

## ନୂଆ ନିୟମରେ ଚାଲିବ ଆବାସ ଯୋଜନା

ଟାଙ୍ଗୀ(କଟକ)୨୭।୮(ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ସରକାର ୧.୨୦ଲକ୍ଷ ଟଙ୍କା ପ୍ରଦାନ କରୁଛନ୍ତି। ଏଥିସହ ୯୦ଦିନର ମଜୁରି ଓ ପୁରସ୍କାର ଘୋଷଣା କରିଥିଲେ ମଧ୍ୟ ଅନେକ ହିତାଧିକାରୀ କାମ କରୁନାହାନ୍ତି। ଏ ନେଇ ବାରମ୍ବାର ତାଗିଦ ସତ୍ତ୍ୱେ କିଛି ସୁଫଳ ମିଳୁନାହିଁ । ଏହାକୁ ପ୍ରତିହତ ନିମନ୍ତେ ପ୍ରଶାସନ ପକ୍ଷରୁ ନୂତନ ନିୟମ କାର୍ଯ୍ୟକାରୀ କରାଯିବା ସହ ଏ ସଂକ୍ରାନ୍ତ ଏକ ସଚେତନତା କାର୍ଯ୍ୟକ୍ରମ ଟାଙ୍ଗୀ-ଚୌଦ୍ୱାର ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ନପଙ୍ଗ, ହରିଅନ୍ତା, କୋଟସାହି, ଉଚ୍ଚପଦା, ମାଗୁରା ଓ ଗୋବିନ୍ଦପୁର ଆଦି ୬ଗୋଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଏବଂ ଆବାସ ଯୋଜନା ହିତାଧିକାରୀମାନେ ଯୋଗ ଦେଇଥିଲେ। ନୂତନ ନିୟମାନୁଯାୟୀ ଜଣେ ଯନ୍ତ୍ରୀ ଲେ-ଆଉଟ୍ ଦେଲାପରେ ହିତାଧିକାରୀ କାର୍ଯ୍ୟ ଆରମ୍ଭ କରିବେ। ପୂର୍ବରୁ ଅଗ୍ରୀମ ଅର୍ଥ ମିଳୁଥିବାବେଳେ ଏଣିକି କିସ୍ତି ଅନୁଯାୟୀ ଟଙ୍କା ପ୍ରଦାନ କରାଯିବ। ୪ ମାସ ମଧ୍ୟରେ କାର୍ଯ୍ୟ ଶେଷ ନ ହେଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ହିତାଧିକାରୀ ଏକ ଘୋଷଣାନାମା ପ୍ରଦାନ କରିବେ ଓ ପ୍ରଶାସନ ପକ୍ଷରୁ ତଦାରଖ କରାଯିବ ବୋଲି ଅତିରିକ୍ତ ବିଡିଓ ଶାଶ୍ୱତ ମିଶ୍ର ସୂଚନା ଦେଇଛନ୍ତି। ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୟଶ୍ରୀ ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଡିଓ ବିନୋଦ କୁମାର ସେନାପତି ପରିଚାଳନା କରିଥିଲେ। ଆସନ୍ତା ୩୦ତାରିଖ ସୁଦ୍ଧା ସମସ୍ତ ୨୪ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବିଡିଓ କହିଛନ୍ତି।





ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ କରାଯାଉଛି ।

■ ଛାତ୍ର ସଂସଦ ନିର୍ବାଚନ ବନ୍ଦ ନିଷ୍ପତ୍ତିକୁ ବିରୋଧ

# ଏନ୍ଏସ୍‌ୟୁଆଇ ପକ୍ଷରୁ ବିକ୍ଷୋଭ

କଟକ ଅଫିସ, ୨୭।୮

ଛାତ୍ର ସଂସଦ ନିର୍ବାଚନ ବନ୍ଦ ନିଷ୍ପତିକୁ ବିରୋଧ କରି ମଙ୍ଗଳବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ନ୍ୟାଶନାଲ ଷ୍ଟୁଡେଣ୍ଟ୍‌ସ ୟୁନିୟନ ଅଫ ଇଣ୍ଡିଆ (ଏନ୍ଏସ୍‌ୟୁଆଇ) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ସରକାରଙ୍କ ଗଣତନ୍ତ୍ରର ହତ୍ୟା ଓ ଛାତ୍ରମାନଙ୍କର କଣ୍ଠରୋଧକୁ ତୀବ୍ର ବିରୋଧ କରାଯାଇ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଛାତ୍ର ସଂସଦ ନିର୍ବାଚନ ବନ୍ଦ କରି ରାଜ୍ୟ ସରକାର ଛାତ୍ରମାନଙ୍କର ଗଣତାନ୍ତ୍ରିକ ଅଧିକାରକୁ କୁଠାରାଘାତ କରିଛନ୍ତି। ଏଭଳି ହେବା ଦ୍ୱାରା ନେତୃତ୍ୱ ବିକାଶ ହୋଇପାରିବନି ବୋଲି ଛାତ୍ରନେତାମାନେ ଅଭିଯୋଗ କରିଛନ୍ତି। ଆଶୁତୋଷ ରାଉତଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ ଜିଲା ଉପସଭାପତି ସୌମ୍ୟରଞ୍ଜନ ସ୍ୱାଇଁ, ସଭାପତି ପ୍ରତୀକ କୁମାର ନାୟକ, ରାଜ୍ୟ ସମନ୍ୱୟ କମିଟି ସଦସ୍ୟ ଶିବ ଅଗ୍ରୱାଲ, ଆଶିଷ ଖୁଣ୍ଟିଆ, ହର୍ଷିତା ପ୍ରିୟଦର୍ଶିନୀ, ମୃତ୍ୟୁଞ୍ଜୟ ମହାନ୍ତି, ଆଶୀର୍ବାଦ ପୃଷ୍ଟି ଓ ଅର୍ଘ୍ୟ ମଣ୍ଡଳଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଯଦି ସରକାର ଏହି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର ନ କରନ୍ତି ତେବେ ଆଗାମୀ ଦିନରେ ରାଜ୍ୟରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଏନ୍ଏସ୍‌ୟୁଆଇ ପକ୍ଷରୁ ସୂଚନା ଦିଆଯାଇଛି।

# ସପ୍ତମ ଅର୍ଥନୈତିକ ଜନଗଣନାର ଶୁଭାରମ୍ଭ

କଟକ ଅଫିସ,୨୭।୮

କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଦ୍ୱାରା ସପ୍ତମ ଅର୍ଥନୈତିକ ଜନଗଣନାର ଶୁଭାରମ୍ଭ ହୋଇଛି। ଦେଶର ବିକାଶ ଓ ବହୁବିଧ ଉନ୍ନତି ପାଇଁ ଭାରତ ସରକାରଙ୍କ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ସମ୍ପାଦନ ମନ୍ତ୍ରଣାଳୟ ପକ୍ଷରୁ ୨୦୧୯ରେ ସପ୍ତମ ଅର୍ଥନୈତିକ ଜନଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଭିନ୍ନ ଅନୁଷ୍ଠାନଗୁଡ଼ିକର ଠିକ୍ ଏବଂ ପୃଥକ୍ ତଥ୍ୟ ପ୍ରକାଶ କରିବା ଏହାର ମୂଳ ଲକ୍ଷ୍ୟ। ମୂଲ୍ୟବାନ, ଭୌଗୋଳିକ ଅନ୍ତର୍ଦୃଷ୍ଟି, ଅର୍ଥନୈତିକ ଉଦ୍ୟୋଗ, ସ୍ୱଳ୍ପ ନମୁନା ଏବଂ ସାଧାରଣ ସମ୍ପୃକ୍ତି ଇତ୍ୟାଦି ଅର୍ଥନୈତିକ ଜନଗଣନା ପ୍ରଦାନ କରିଥାଏ। ସପ୍ତମ ଅର୍ଥନୈତିକ ଜନଗଣନା କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ପାଇଁ ଭାରତ ସରକାରଙ୍କ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ସମ୍ପାଦନ ମନ୍ତ୍ରଣାଳୟ, ଭାରତରେ ଥିବା ଜନସେବା କେନ୍ଦ୍ର ଏବଂ ଇଲେକ୍ଟ୍ରୋନିକ ଓ ସୂଚନା ମନ୍ତ୍ରଣାଳୟ ଅନୁବନ୍ଧିତ ହୋଇଛନ୍ତି। ଜନସେବା କେନ୍ଦ୍ର ଦ୍ୱାରା ତାଲିମପ୍ରାପ୍ତ ଗଣନାକାରୀ ଓ ତତ୍ତ୍ୱାବଧାରକମାନେ ମୋବାଇଲ ଆପ୍ ଦ୍ୱାରା ତଥ୍ୟ ସଂଗ୍ରହ, ତାହାର ବୈଧତା ଓ ରିପୋର୍ଟ ସଞ୍ଚାଳନ ପାଇଁ ନିଯୁକ୍ତି ହୋଇଛନ୍ତି।

ସପ୍ତମ ଅର୍ଥନୈତିକ ଜନଗଣନା ଓଡ଼ିଶାରେ ଗତ ୨୬ରୁ ଆରମ୍ଭ ହୋଇଛି। ୨୦୦୮ ଆଇନ ଅନୁଯାୟୀ, ପ୍ରତ୍ୟେକ ଗୃହ ଓ ବାଣିଜ୍ୟିକ ଅନୁଷ୍ଠାନରୁ ଏହି ତଥ୍ୟ ସଂଗ୍ରହ କରାଯିବ। ସମସ୍ତ ତଥ୍ୟ ଗୁପ୍ତ ରଖାଯିବା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉନ୍ନତୀମୂଳକ କାର୍ଯ୍ୟକ୍ରମରେ ବ୍ୟବହାର ହେବ। ଏହି ଗଣନା ଶେଷ ହେବା ପରେ ସପ୍ତମ ଅର୍ଥନୈତିକ ଜନଗଣନାର ଫଳାଫଳ ପ୍ରକାଶ କରାଯିବ। ଏହି ଗଣନାରେ ସହଯୋଗ କରିବା ଏବଂ ଲୋକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ନିମନ୍ତେ ସରକାରଙ୍କ ପକ୍ଷରୁ ଟୋଲ ଫ୍ରି ନଂ. ୧୮୦୦-୩୦୦୦-୩୪୬୮ର ଖୋଲାଯାଇଛି। ପରିସଂଖ୍ୟାନ ମନ୍ତ୍ରଣାଳୟ ତରଫରୁ http://mospi.nic.in/7th economic- census ୱେବ ପେଜ୍ ପ୍ରତିଷ୍ଠା କରାଯାଇଛି। ଏହି ପ୍ରରିପ୍ରେକ୍ଷୀରେ ଜିଲାପାଳ କହିଛନ୍ତି, ସରକାରଙ୍କ ଯୋଜନା ପ୍ରଣୟନ ଏବଂ ଠିକ୍ ରୂପାୟନରେ ଏହା ସହାୟକ ହେବ। ଏଥିସହିତ ସାଧାରଣ ଜନତାଙ୍କର ଆର୍ଥିକ ଅଭିବୃଦ୍ଧି ତ୍ୱରାନିତ ହୋଇପାରିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତରାୟ, ଯୋଜନା ଓ ପରିସଂଖ୍ୟାନ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୁକାନ୍ତ ଷଡଙ୍ଗୀ, ସହକାରୀ ନିର୍ଦ୍ଦେଶକ ସବିତା ସାହୁ, ଜିଲା ପ୍ରବନ୍ଧକ ଜ୍ୟୋତିମୋହନ ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଗଣଶିକ୍ଷା ବିଭାଗର ନିୟମକୁ ଓଷ୍ଟାର ବିରୋଧ

କଟକ ଅଫିସ,୨୭।୮

ଗଣଶିକ୍ଷା ବିଭାଗର ନୂତନ ନିୟମାନୁଯାୟୀ ଛାତ୍ରୀଛାତ୍ର ଏଣିକି ଶିକ୍ଷକମାନଙ୍କ ଦକ୍ଷତା ମାପିବେ। ତେବେ ଏହି ନୂଆ ନିୟମ ପ୍ରଣୟନ କରି ସରକାର ଛାତ୍ର-ଶିକ୍ଷକ ସମ୍ପର୍କକୁ କଳୁଷିତ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଅଭିଯୋଗ କରିଛି। ଏଭଳି ନିୟମ ଛାତ୍ର-ଶିକ୍ଷକ ମଧ୍ୟରେ ଏକ ପାଚେରି ତିଆରି କରିବ ବୋଲି ଓଷ୍ଟା ପକ୍ଷରୁ ପ୍ରେସ୍ ଇସ୍ତାହାରରେ କୁହାଯାଇଛି। ସରକାରଙ୍କର ଏହି ନିଷ୍ପତ୍ତି ଶିକ୍ଷକମାନଙ୍କୁ କେବଳ ଆଘାତ ଦେଇନି, ଏହା ଛାତ୍ର-ଶିକ୍ଷକଙ୍କ ମଧ୍ୟରେ ଥିବା ପବିତ୍ର ସମ୍ପର୍କକୁ କଳୁଷିତ କରିବ ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି। ଏହି ନିୟମ ଶିକ୍ଷାର୍ଥୀମାନଙ୍କୁ ଉଚ୍ଛୃଙ୍ଖଳ କରିବା ସହ ଶିକ୍ଷକମାନଙ୍କୁ ମାନସିକ ଯନ୍ତ୍ରଣା ଦେବ ବୋଲି ଓଷ୍ଟା ଅଭିଯୋଗ କରିଛି। ଏହି ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ଶିକ୍ଷକମାନେ ଚକ୍, ଡଷ୍ଟର ଛାଡ଼ି ଆନ୍ଦୋଳନରେ ବସିବେ ବୋଲି ଓଷ୍ଟାର ବିନୋଦ ବିହାରୀ ପାଣିଗ୍ରାହୀ, ସତ୍ୟନାରାୟଣ ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ମହାନ୍ତି, ପ୍ରେମାନନ୍ଦ ଜେନା, ଅକ୍ଷୟ କୁମାର ମିଶ୍ର, ଭିକାରି ଚରଣ ସାହୁ, ସନ୍ତୋଷ କୁମାର ଭଞ୍ଜ, ଅଶୋକ ମହାପାତ୍ର ଓ ଅକ୍ଷୟ କୁମାର ହୋତା ପ୍ରମୁଖ ଚେତାବନୀ ଦେଇଛନ୍ତି।

# ପାସ୍‌ପୋର୍ଟ, ଭିସା ବ୍ୟବସ୍ଥା ଉଚ୍ଛେଦ କରାଯାଉ

■ ଓଡ଼ିଶା ସୁରକ୍ଷା ସେନା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ପତ୍ର

କଟକ ଅଫିସ, ୨୭।୮

ଅଖଣ୍ଡ ଭାରତର ଅଙ୍ଗ ଥିବା ରାଷ୍ଟ୍ରଗୁଡ଼ିକରୁ ପାସ୍‌ପୋର୍ଟ ଓ ଭିସା ବ୍ୟବସ୍ଥା ଉଚ୍ଛେଦ କରାଯାଉ ବୋଲି କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛି ଓଡ଼ିଶା ସୁରକ୍ଷା ସେନା। ମଙ୍ଗଳବାର ଓଡ଼ିଶା ସୁରକ୍ଷା ସେନାର ମୁଖ୍ୟ ଅଭିଷେକ ଯୋଶୀ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ପତ୍ର ପ୍ରେରଣ କରିଛନ୍ତି। ଏଥିରେ ଲେଖାଯାଇଛି, ପୂର୍ବ କାଳରେ ଆଫଗାନିସ୍ତାନ, ପାକିସ୍ତାନ, ବର୍ମା, ଭୁଟାନ, ଇଣ୍ଡୋନେସିଆ, ବାଲାଂଦେଶ ଆଦି ଦେଶ ଭାରତର ଅଙ୍ଗ ଥିଲେ। କାଳକ୍ରମେ ଏହି ଭୂଖଣ୍ଡଗୁଡ଼ିକ ଅଲଗା ହୋଇ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଭାବେ ପରିଚୟ ଲାଭ କଲା। ବର୍ତ୍ତମାନ ସମୟରେ ଓ ଅତୀତରେ ମଧ ଆମ ଦେଶର ମହାନ ସାଧୁସନ୍ଥ ଓ ବୁଦ୍ଧିଜୀବୀ ଏହି ଅଖଣ୍ଡ ଭାରତର ସ୍ୱପ୍ନ ଦେଖୁଛନ୍ତି। ମହାଭାରତରେ ଭାରତର ଭୂଖଣ୍ଡ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି। ଏହି ଅଖଣ୍ଡ ଭାରତର ସ୍ୱପ୍ନକୁ ସାକାର କରିବା ଓ ଆମ ରାଷ୍ଟ୍ରର ନାଗରିକମାନଙ୍କୁ ଆମର ପୁରାତନ ଇତିହାସ ଅବଗତ ନିମନ୍ତେ କେନ୍ଦ୍ର ସରକାର ଏହିସବୁ ରାଷ୍ଟ୍ରକୁ ଯିବା ପାଇଁ ପାସପୋର୍ଟ ଓ ଭିସା ବ୍ୟବସ୍ଥା ଉଚ୍ଛେଦ କରନ୍ତୁ ବୋଲି ସଙ୍ଗଠନ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏହିସବୁ ରାଷ୍ଟ୍ରଗୁଡ଼ିକରେ ଯିବା ଆସିବା ସରଳ ହେଲେ ବହୁ ଭାରତୀୟ ଉପକୃତ ହେବେ ବୋଲି ଯୋଶୀ ପତ୍ରରେ ଉଲ୍ଲେଖ କରିଛନ୍ତି।

## ଶଙ୍କର୍ଷଣ ପଟ୍ଟନାୟକଙ୍କର ଜୟନ୍ତୀ

କଟକ ଅଫିସ, ୨୭।୮

କଟକ ଟାଉନ୍ ହଲଠାରେ ସ୍ୱାଧୀନତା ସଂଗ୍ରାମୀ ଶଙ୍କର୍ଷଣ ପଟ୍ଟନାୟକଙ୍କର ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। କାଳୀପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଇଂ. ମହମ୍ମଦ ମୋକିମ, ନିର୍ମାଣ ଶ୍ରମିକ ସେଲ୍‌ର ଅଧକ୍ଷ ସୁବାସ ସିଂହ, ପାବକ କାନୁନ୍‌ଗୋଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

# ମେଘ ଉତ୍ସବ ଉଦ୍‌ଘାଟିତ



ମେଘ ଉତ୍ସବରେ ଛାତ୍ରୀମାନେ ଛବି ଅଙ୍କନ କରୁଛନ୍ତି ।

କଟକ ଅଫିସ, ୨୭।୮

ରାଧାନାଥ ଟ୍ରେନିଂ କଲେଜରେ ମେଘ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପ୍ରାଧାପିକା ଡ. ନିବେଦିତା ଗୁରୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଅଧକ୍ଷା ଡ. ସ୍ମିତା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନର ଅଧକ୍ଷ ଦିଲୀପ ସାହୁ, ପ୍ରାଧାପିକା ଜ୍ୟୋତ୍ସ୍ନା ସାହୁ, ଡ. ଉତ୍ତମକାନ୍ତି ଜେନା, ରାଜଲକ୍ଷ୍ମୀ ଦାସ ଓ ସଙ୍ଗୀତା ବେହେରା ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଦ୍ୱାରା ମେଘ ଆଧାରିତ ଛବି ପ୍ରସ୍ତୁତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ଶିଳ୍ପୀ ରବିନାରାୟଣ ରଥ ସଂଯୋଜନା କରିଥିବାବେଳେ ପ୍ରବୀଣା ବେହେରା ଧନ୍ୟବାଦ ଦେଇଥିଲେ।

■ ବୋସ୍ ଛାତ୍ରାବାସରେ ଅବ୍ୟବସ୍ଥା

# ଟାୟାର ଜାଳି ଛାତ୍ରଙ୍କ ବିକ୍ଷୋଭ

କଟକ ଅଫିସ,୨୭।୮

ଭୁବନାନନ୍ଦ ଓଡ଼ିଶା ସ୍କୁଲ ଅଫ୍ ଇଞ୍ଜିନିୟରିଂ (ବୋସ) ଛାତ୍ରାବାସରେ ବିଭିନ୍ନ ଅବ୍ୟବସ୍ଥାକୁ ନେଇ ମଙ୍ଗଳବାର ଛାତ୍ରମାନେ ସ୍କୁଲ ଫାଟକ ସମ୍ମୁଖରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବରପାଇ ମଙ୍ଗଳାବାଗ ପୋଲିସ ପହଞ୍ଚି ଛାତ୍ରମାନଙ୍କୁ ବୁଝାସୁଝା କରିବା ସହ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲା।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଛାତ୍ରାବାସରେ ପିଇବା ପାଣିର ସମସ୍ୟା ରହିଛି। ଛାତ୍ରାବାସରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ଛାତ୍ରମାନେ ପୂର୍ବରୁ ଅନେକଥର କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ କୌଣସି ସୁଫଳ ମିଳି ନ ଥିଲା। କିଛିଦିନ ତଳେ ହଷ୍ଟେଲରେ ଚିକେନ ରୋଷେଇ ହୋଇଥିଲା। କିନ୍ତୁ ଭଲଭାବେ ଚିକେନ ରୋଷେଇ ହୋଇ ନ ଥିବାରୁ ସେଥିରୁ ରକ୍ତ ବାହାରିଥିଲା। ସେହିପରି ସୋମବାର ରାତିରେ ଛାତ୍ରମାନଙ୍କୁ ଖାଦ୍ୟ ଦିଆଯାଇ ନ ଥିଲା। ଦୀର୍ଘଦିନ ହେବ ଏଭଳି ଅବ୍ୟବସ୍ଥା ଲାଗିରହିଥିଲେ ମଧ କର୍ତ୍ତୃପକ୍ଷ ଛାତ୍ରମାନଙ୍କ ଅଭିଯୋଗକୁ କର୍ଣ୍ଣପାତ କରୁନାହାନ୍ତି। ଫଳରେ ସେମାନେ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇଥିଲେ। ମଙ୍ଗଳାବାଗ ଆଇଆଇସି ଅମିତାଭ ମହାପାତ୍ର, ଏସିପି ଏସ୍.କେ. ସରିଫୁଦ୍ଦିନ, ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ, ବୋସ ପ୍ରିନ୍ସିପାଲ ଓ ଛାତ୍ର ପ୍ରତିନିଧିଙ୍କୁ ନେଇ ଏକ ଆଲୋଚନା ହୋଇଥିଲା। ଛାତ୍ରମାନଙ୍କର ଏହି ସବୁ ସମସ୍ୟା ୩ଦିନ ମଧ୍ୟରେ ସମାଧାନ କରାଯିବ ବୋଲି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତେବେ ୩ ଦିନ ଭିତରେ ସମସ୍ୟାର ସମାଧାନ ନ ହେଲେ ପୁଣି ଆନ୍ଦୋଳନ ହେବ ବୋଲି ଛାତ୍ରମାନେ କହିଛନ୍ତି। ଅନ୍ୟପକ୍ଷରେ ବୋସ ଅଧକ୍ଷ ଏ.କେ. ମହାପାତ୍ର କୁହନ୍ତି, ଛାତ୍ରାବାସର ଛାତ୍ରମାନଙ୍କୁ ଖାଦ୍ୟ ଯୋଗାଇବା ଲାଗି କଲେଜ ପକ୍ଷରୁ ଜଣେ ପ୍ରାଇଭେଟ କଣ୍ଟ୍ରାକ୍ଟରଙ୍କୁ ଦାୟିତ୍ୱ ଦିଆଯାଇଛି। ଛାତ୍ରମାନଙ୍କ ଅଭିଯୋଗକ୍ରମେ ଆମେ କଣ୍ଟ୍ରାକ୍ଟରଙ୍କୁ ତାଗିଦ କରିବୁ। ଆଗାମୀ ଦିନରେ ଯେଭଳି ଏମିତି ଅବ୍ୟବସ୍ଥା ନ ହୁଏ ସେଥିପ୍ରତି ସତର୍କତା ଅବଲମ୍ବନ କରାଯିବ। ଅଭିଯୋଗ ଆସିଲେ ଆମେ କଣ୍ଟ୍ରାକ୍ଟରଙ୍କୁ ବଦଳାଇଦେବୁ ବୋଲି ସେ କହିଛନ୍ତି।



ଛାତ୍ରମାନେ ଟାୟାର ଜାଳି ବିକ୍ଷୋଭ କରୁଛନ୍ତି ।



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ, ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଃଶ୍ଚିନ୍ତାରେ ତିଆରି । -ମିଲଟନ୍



## ସଂକ୍ଷେପରେ

### ଅଗ୍ନିକାଣ୍ଡ: ୩ ବଖରା ଭସ୍ମୀଭୂତ

**ବେଗୁନିଆ,୨୭।୮(ଡି.ଏନ୍.ଏ.):** ବେଗୁନିଆ ତହସିଲ ଅନ୍ତର୍ଗତ ଗୋଡିପୋଖରୀ ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ସୁଦର୍ଶନ ମହାପାତ୍ରଙ୍କ ୩ ବଖରା ଭସ୍ମୀଭୂତ ହୋଇଯାଇଛି। ଖବରପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ପ୍ରାୟ ୫୦ହଜାର ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଥିବା ରାଜସ୍ୱ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ରିପୋର୍ଟ ଲେଖା ହେବା ବେଳକୁ କୌଣସି ସରକାରୀ ସହାୟତା ମିଳି ନ ଥିବା ବିପନ୍ନ ପରିବାର କହିଛନ୍ତି।

### ୨ ଲୁଟେରାଙ୍କୁ ଉଠାଇ ଆଣିଲା ପୋଲିସ

**ଖୋର୍ଦ୍ଧା ଅଫିସ,୨୭।୮** ରଣପୁର ଥାନା ପୋଲିସ ସହାୟତାରେ ଖୋର୍ଦ୍ଧା ଟାଉନ ଥାନା ପୋଲିସ ସୋମବାର ରାତିରେ ୨ ଆନ୍ତଃଜିଲା ଲୁଟେରାଙ୍କୁ ରଣପୁରରୁ ଉଠାଇ ଆଣିଥିବା ଜଣାପଡିଛି। ସେମାନେ ହେଲେ ନୟାଗଡ ଜିଲା ରଣପୁର ସାନଗଡ ଦଳିତସାହିର ରାକେଶ ବାଇଡ଼ଙ୍କ(୨୬) ଓ ରଶ୍ମି ଘଡାଇ(୨୨)। ଏମାନଙ୍କୁ ଅଟକ ରଖି ପୋଲିସ ପଚରାଉଚରା ଚଳାଇଛି। ଏହି ଲୁଟେରା ଦ୍ୱୟ ଖୋର୍ଦ୍ଧା ଜିଲା ଦେଇ ଯାଇଥିବା କୋଲକତା-ମାଡ୍ରାସ ୧୬ନଂ. ଜାତୀୟ ରାଜପଥ, ବଲାଙ୍ଗୀର ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥ, ନୟାଗଡ ଜିଲାର ନୟାଗଡ ଭାୟା ଶରଣକୁଳ ଓଡଗାଁ ରାସ୍ତା ଓ ଶରଣକୁଳଠାରୁ ପୁରୀ ନୂଆ ଜଗନ୍ନାଥ ସଡକରେ ବନ୍ଧୁକ ଦେଖାଇ ଟଙ୍କା, ସୁନା, ରୂପା ଅଳଙ୍କାର ସହ ବାଇକ୍ ଲୁଟି ନେଉଥିଲେ। ଏହି ଲୁଟେରା ଦ୍ୱୟଙ୍କ ସହ ଆଉ କେତେଜଣ ସହଯୋଗୀ ଅଛନ୍ତି ସେ ନେଇ ପୋଲିସ ତଦନ୍ତ ଚଳାଇଛି। ସୂଚନାଥାଉ କି, ଗତ ୨ମାସ ମଧ୍ୟରେ ଏହି ଦୁଇ ରାଜପଥ ଅଞ୍ଚଳରୁ ୨୦ରୁ ଊର୍ଦ୍ଧ୍ୱ ଲୁଟ୍ ହୋଇଛି। ୧୬ନଂ. ଜାତୀୟ ରାଜପଥର ପିତାପଲ୍ଲୀ ଛକଠାରୁ ହାଟବରଡିହ ଛକ ପର୍ଯ୍ୟନ୍ତ ଅଧିକ ଲୁଟ୍ ହୋଇଥିବା ଜଣାପଡିଛି। ସେହିପରି ୫୭ନଂ. ଜାତୀୟ ରାଜପଥରେ ପାଲିସକୁ ଚକମା ଦେଇ ଗତ ୨ମାସ ମଧ୍ୟରେ ୯ଟି ଲୁଟ୍ ହୋଇଥିବା ଜଣାପଡିଛି। ପୋଲିସ ପାଟ୍ରୋଲିଂ ନ ଥିବାରୁ ଲୁଟେରାଙ୍କ ପ୍ରାଦୁର୍ଭାବ ବଢି ଚାଲିଥିବା ସାଧାରଣରେ ଅଭିଯୋଗ ହେଉଛି।

### ଯାନବାହନ ଯାଞ୍ଚ, ଜରିମାନା ଆଦାୟ

**ବାଲୁଗାଁ,୨୭।୮(ଡି.ଏନ.ଏ.)-** ବାଲୁଗାଁ ପୋଲିସ୍ ପକ୍ଷରୁ ଦୁଇଦିନ ଧରି ବାଲୁଗାଁ ଅଞ୍ଚଳରେ ଯାନବାହନ ଧରପଗଡ଼ ଅଭିଯାନ ଆରମ୍ଭ ହୋଇଛି । ଏହି ଯାଞ୍ଚରେ ବିନା ହେଲମେଟ୍, ଡ୍ରାଇଭିଂ ଲାଇସେନ୍ସ ଓ ଆବଶ୍ୟକ କାଗଜପତ୍ର, ସିଟ୍ ବେଲ୍ଟ ଆଦି ଖିଲାପକାରୀଙ୍କଠାରୁ ୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ।

### ଛଣଘର ପଞ୍ଚାୟତ ପୁରସ୍କୃତ

**ଜଟଣୀ,୨୭।୮(ଡି.ଏନ୍.ଏ.):** ଗ୍ରାମ୍ୟ ଆବାସ ଯୋଜନାକୁ ସଫଳତାର ସହିତ କାର୍ଯ୍ୟକାରୀ କରିଥିବା ଜଟଣୀ ବ୍ଲକର ଛଣଘର ପଞ୍ଚାୟତକୁ ୨୦୧୮-୧୯ ବର୍ଷ ପାଇଁ ଶ୍ରେଷ୍ଠ ପଞ୍ଚାୟତ ଭାବେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ପୁରସ୍କୃତ କରାଯାଇଛି। ପଞ୍ଚାୟତର ସରପଞ୍ଚ ସୁନୀଲ ରାଉତରାୟଙ୍କ ମାଧ୍ୟମରେ ସାର୍ଟିଫିକେଟ୍ ଓ ସିଲ୍ଡ ପ୍ରଦାନ କରାଯାଇଛି।

### ମାମଲା ରୁଜୁ କଲା, ତଦନ୍ତ କରୁନି

**ଖୋର୍ଦ୍ଧା ଅଫିସ,୨୭।୮:** ଖୋର୍ଦ୍ଧା ଆଦର୍ଶ ଥାନାର ମଙ୍ଗଳାନଗରରୁ ଗତ ୨୦ତାରିଖ ସନ୍ଧ୍ୟାରେ ଏକ ବାଇକ୍ ଚୋରି ହୋଇଛି। ଏ ନେଇ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ମାମଲା ରୁଜୁ କରିଥିଲେ ମଧ୍ୟ ତଦନ୍ତ କରୁ ନ ଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ମେଣ୍ଢାଶାଳ ଥାନା ଗିରିଘଂପୁଟ ଗ୍ରାମର ସଞ୍ଜୟ କୁମାର ସ୍ୱାଇଁ ଡ୍ରାଇଭର ମହେଶ୍ୱର ଦାସଙ୍କ ସହ ବାଇକ ଯୋଗେ ମଙ୍ଗଳାନଗରର ଜଣେ ବ୍ୟକ୍ତିଙ୍କ ଘରକୁ ଯାଇଥିଲେ। ଘରୁ ଆସିବାବେଳକୁ ତାଙ୍କ ବାଇକ କେହି ଦୁର୍ବୃତ୍ତ ଚୋରି ଚୋରି କରି ନେଇଥିବା ସଞ୍ଜୟ ଜାଣିବାକୁ ପାଇଥିଲେ। ଏ ନେଇ ସଞ୍ଜୟ ଖୋର୍ଦ୍ଧା ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ।

### ବାରଣ୍ଡାରେ ପଡିରହିଛି ଏଡ୍ସ ସଚେତନତା ପୁସ୍ତକ

**ଖୋର୍ଦ୍ଧା ଅଫିସ, ୨୭।୮:** ଖୋର୍ଦ୍ଧା ପିଏନ୍ କଲେଜର ମୈତ୍ରୀ ଭବନ ବାରଣ୍ଡାରେ ଏଡ୍ସ ସଚେତନତା ପୁସ୍ତକ ଓ ଲିଫ୍‌ଲେଟ ପଡି ରହିଛି। ଏଗୁଡିକ କଲେଜ ଛାତ୍ରୀଛାତ୍ରଙ୍କୁ ନ ଦେଇ ଏଠାରେ ପଡିରହିଛି। କିଛି ବହି ଓ ଲିଫ୍‌ଲେଟ୍ କଲେଜ ପଡିଆରେ ଆଣି କେହି ଫୋପାଡି ଥିବା ଦେଖିବାକୁ ମିଳିଥିଲା। ଏ ଦିଗରେ କଲେଜ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଶୀତଳଭଣ୍ଡାରରେ ସଂପୁର ଧାନ ଦୁର୍ନୀତି

**ଖୋର୍ଦ୍ଧା ଅଫିସ,୨୭।୮**

- ମୃତ ବ୍ୟକ୍ତିଙ୍କ ନାଁରେ ହୋଇଛି ଧାନବିକ୍ରି
- ଚାଷୀଙ୍କ ଘରେ ମହଜୁଦ ରହିଛି ଧାନ
- ଜାଲ କାଗଜପତ୍ରରେ ଅର୍ଥ ହରିଲୁଟ୍

ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ସଂପୁର ପ୍ରାଥମିକ କୃଷି ସମବାୟ ସମିତିର ଧାନ କ୍ରୟ କେନ୍ଦ୍ରରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଚାଷୀଙ୍କ ପାଖରେ ଧାନ ମହଜୁଦ୍ ଥିବାବେଳେ କାଗଜପତ୍ରରେ କେତେଜଣ ଚାଷୀଙ୍କ ଧାନ ବିକ୍ରି ହୋଇଯାଇଥିବା ଦର୍ଶାଯାଇଛି। ଜଣେ ମୃତ ବ୍ୟକ୍ତିଙ୍କ ନାମରେ ବି ଧାନ ବିକ୍ରି ହୋଇଥିବା ଜଣାପଡିଛି। ଧାନ ଦୁର୍ନୀତିର ତଦନ୍ତ ବଦଳରେ ଶୀତଳଭଣ୍ଡାରକୁ ଠେଲି ଦିଆଯାଇଛି।

ଏହି ଧାନ କ୍ରୟ କେନ୍ଦ୍ରରେ ଦୁର୍ନୀତି ହେଉଥିବା ନେଇ ଚାଷୀମାନେ ବାରମ୍ବାର ଆନ୍ଦୋଳନ କିମ୍ବା ପ୍ରତିବାଦ କଲେ ମଧ୍ୟ ସୁଫଳ ମିଳୁ ନାହିଁ। ତଦନ୍ତ ପାଇଁ ଚାଷୀମାନେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ. ମୁଖ୍ୟ ଶାସନ ସଚିବ, ସମବାୟ ମନ୍ତ୍ରୀ, କୃଷି ମନ୍ତ୍ରୀ, ନିବନ୍ଧକ ସମବାୟ ସମିତି ସମୂହ, ଉପ ନିବନ୍ଧକ ସମବାୟ ସମିତି ସମୂହ, ଜିଲାପାଳ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକଙ୍କୁ ଅବଗତ କରାଇଛନ୍ତି। ଏ ନେଇ ସଂପୁରର ଚାଷୀ ଶରତ ଚନ୍ଦ୍ର ଦାସ କୁହନ୍ତି, ଟାର୍ଗେଟ ନାହିଁ କହି ଧାନକ୍ରୟ କେନ୍ଦ୍ରରେ ଧାନକିଣା ଗଲା ନାହିଁ। ଧାନବିକ୍ରିର ଶେଷ ସମୟରେ କିଛି ଦିନ ପୂର୍ବରୁ ଚାଷୀଙ୍କ ନାଁରେ କାଗଜାତରେ ଧାନ ବିକ୍ରି କରାଯାଇଥିବା ଜଣାପଡିଥିଲା। ଏପରିକି ବାଞ୍ଛାନିଧି ବେହେରା ମୃତ୍ୟୁ ବରଣ କରିଥିବାବେଳେ ତାଙ୍କ ନାଁରେ ଧାନ ବିକ୍ରି ହୋଇଥିଲା। ଫଳରେ ମୃତବ୍ୟକ୍ତିଙ୍କ ନାଁରେ ଧାନ ବିକ୍ରି ଘଟଣା ଅନିୟମିତତା ପଦାକୁ ଆସିଥିଲା। ସଂପୁରର ଚାଷୀ ରବୀନ୍ଦ୍ର କୁମାର ଲେଙ୍କା କୁହନ୍ତି, ବାହାର ଅଞ୍ଚଳର ଧାନ ଆମ ଧାନକ୍ରୟ କେନ୍ଦ୍ରରେ ବିକ୍ରି କରାଗଲା। କିନ୍ତୁ ସ୍ଥାନୀୟ ଚାଷୀଙ୍କ ଧାନ ଘରେ ମହଜୁଦ୍ ହୋଇ ରହିଗଲା। କେତେଜଣ ଚାଷୀ ବାଧ୍ୟ ହୋଇ ସରକାରୀ ଦର ଠାରୁ ୩୦୦ ରୁ ୪୦୦ଟଙ୍କା କମ ଦରରେ ଧାନ ବିକ୍ରି କଲେ। ଆଉ କେତେଜଣ ଚାଷୀଙ୍କ ଧାନ ଗଜା ହୋଇଗଲା। ସଂପୁର ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ଜ୍ଞାନ ରଞ୍ଜନ ବେହେରା କୁହନ୍ତି, ୨୦୧୮ ଧାନ କିଣାରେ ଦୁର୍ନୀତୀ ହୋଇ ନାହିଁ। ଜଣେ ମୃତ ଚାଷୀଙ୍କ ନାଁ ପଞ୍ଜିକୃତ କରାଯାଇ ତାଙ୍କ ନାଁରେ ଧାନ କିଣା ହେଲା। କିନ୍ତୁ ଜାଣି ହେଲା ନାହିଁ। ଜାଣିଲା ପରେ ମୃତ ଚାଷୀଙ୍କ ପୁଅ ଏଟିଏମ ଯୋଗେ ଟଙ୍କା ଉଠାଣ କରି ସାରିଲେଣି। ଅନ୍ୟପକ୍ଷେ ୨୦୧୮ ଖରିଫ ଋତୁରେ ୯ ହଜାର ୪୦୦ କୁଇଣ୍ଟାଲ ଧାନ ସଂପୁର ସମିତିରୁ କିଣାଯିବାକୁ ଥିବା ବେଳେ ୪ହଜାର ୫୦୦ ଟାର୍ଗେଟ ଆସିଲା। ତେବେ ଚାଷୀଙ୍କ ପାଖରେ ଧାନ ରହିଯିବାରୁ ଚାଷୀ ଧାନ ବିକ୍ରି କରି ପାରିଲେ ନାହିଁ। ଚାଷୀଙ୍କ ନାଁରେ କାଗଜାତରେ ଯେଉଁ ଧାନବିକ୍ରିର ଅଭିଯୋଗ ରହିଛି ସେଥିରେ ସତ୍ୟତା ନାହିଁ ବୋଲି ସଫେଇ ଦେଇଛନ୍ତି। ଏ ନେଇ ଖୋର୍ଦ୍ଧା ଏଆରସିଏସ ଶିବ ଶଙ୍କର ଦାସ କୁହନ୍ତି, ସଂପୁର ଧାନ କିଣାରେ ହୋଇଥିବା ଦୁର୍ନୀତିର ତଦନ୍ତ କରାଯିବ। ଦୁର୍ନୀତି ପ୍ରମାଣ ମିଳିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ୧୦ କେଜି ଭାଙ୍ଗ ଓ ଗାଡ଼ି ଜବତ, ୨ ଗିରଫ







ଗିରଫ ୨ ଅଭିଯୁକ୍ତ, ଜବତ ହୋଇଥିବା କାର ।

**କୃଷ୍ଣପ୍ରସାଦ,୨୭।୮(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ପୋଲିସ ମଙ୍ଗଳବାର ୧୦ କେଜି ଭାଙ୍ଗ ନେଇ ଯାଉଥିବା ଏକ ଇଣ୍ଡିଗୋ କାର୍ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ବ୍ରହ୍ମଗିରି ଥାନା ଅଞ୍ଚଳର ପ୍ରଦୀପ୍ତ କାଣ୍ଡି ଓ ବାସେଳି ସାହି ଥାନା ଅଞ୍ଚଳର ସନ୍ତୋଷ କୁମାର ଗୌଡ । ସୂଚନାରୁ ପ୍ରକାଶ, ଆଇଆଇସି ଅଭିମନ୍ୟୁ ନାୟକ ନିଶା କାରବାର ବନ୍ଦ ପାଇଁ ପଦକ୍ଷେପ ଜାରି ରଖି ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଥିଲେ। ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ସବ୍ ଇନ୍ସପେକ୍ଟର ନାରାୟଣ ପ୍ରଧାନ ଜହ୍ନିକୁଦା ଘାଟ ପେଣ୍ଠ ନିକଟରେ ଚଢ଼ାଉ କରି ଭାଙ୍ଗ, ଏକ ଇଣ୍ଡିଗୋ ଗାଡ଼ି(ନଂ. ଓଡି ୧୩ବି ୮୧୧୧) ଜବତ କରିଥିଲେ । ଏ ନେଇ କୃଷ୍ଣପ୍ରସାଦ ପୋଲିସ କେସ୍ ନଂ ୧୦୧/୧୯ରେ ତଦନ୍ତ ଜାରି ରଖିଛି । ବୁଧବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

## ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

**ଜଟଣୀ,୨୭।୮(ଡି.ଏନ୍.ଏ.)**



ବିଭିନ୍ନ ଦାବିରେ ଗତ ଶୁକ୍ରବାର ଠାରୁ ଜଟଣୀ ମ୍ୟୁନିସିପାଲିଟି ଠିକା ସଫେଇ କର୍ମଚାରୀଙ୍କ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ମଙ୍ଗଳବାର ପ୍ରତ୍ୟାହୃତ ହୋଇଛି। ନିୟମିତ ମାସର ନିର୍ଦ୍ଦିଷ୍ଟ ଦିନରେ ବେତନ ପ୍ରଦାନ, ସୁରକ୍ଷା ଉପକରଣ ଯୋଗାଣ, ଇପିଏଫ୍ ଓ ଇଏସ୍ଆଇ ବାବଦ କଟାଯାଉଥିବା ଟଙ୍କା ସମ୍ପୃକ୍ତ କାର୍ଯ୍ୟାଳୟରେ ପୈଠ ଆଦି ଦାବି ନେଇ ଏହି ଆନ୍ଦୋଳନ କରିଥିଲେ। ମଙ୍ଗଳବାର ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର, ଜଟଣୀ ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ ଆନ୍ଦୋଳନକାରୀ ଓ ସେମାନଙ୍କ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ଆଲୋଚନା ହେବା ସହ ସମସ୍ୟାର ସମାଧାନ ହେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା

## ୩୦ବିଭାଗ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା



ବିଧାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

**ବେଗୁନିଆ,୨୭।୮(ଡି.ଏନ୍.ଏ.):**

ପ୍ରଶାସନିକ ବିଭାଗ ପକ୍ଷରୁ ବେଗୁନିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ୨୧ଟି ପଞ୍ଚାୟତର ଦଳୀୟ କର୍ମୀ ସ୍ଥାନୀୟ ପୋଷ୍ଟ ଅଫିସ ଛକଠାରେ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କୁ ସ୍ୱାଗତ କରିବା ସହ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲେ। ପ୍ରାୟ ୩ମାସ ପରେ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ, ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷା, କର୍ମଚାରୀ, ମହିଳା ମଣ୍ଡଳର ସଦସ୍ୟା, ପୋଲିସ ଆଦି ୩୦ଟି ବିଭାଗ ପକ୍ଷରୁ ବିଧାୟକ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ବେଗୁନିଆ ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କ ପାଖରେ ପହଞ୍ଚିବା ସହ ମୌଳିକ ଆବଶ୍ୟକତାକୁ ଗୁରୁତ୍ୱ ଦେବେ ବୋଲି ବିଧାୟକ ସାହୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ୮୧ଜଣଙ୍କୁ ଭତ୍ତା ବଣ୍ଟନ ସହ ୨ଟି ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ୨୧ଜଣ ହିତାଧିକାରୀଙ୍କୁ ଡିହ ଓ ଜମି ପଟ୍ଟା ବଣ୍ଟନ ପରିବର୍ତ୍ତେ ମ୍ୟୁଟେଶନର ପଟ୍ଟା ବଣ୍ଟନ କରାଯାଇଛି ବୋଲି ହିତାଧିକାରୀମାନେ ବିଧାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ନେଇ ସେ ଅନୁଧ୍ୟାନ କରିବେ ବୋଲି ହିତାଧିକାରୀଙ୍କୁ କହିଥିଲେ। ଅନ୍ୟପକ୍ଷରେ ଏ ନେଇ ତହସିଲଦାର ବିବେକାନନ୍ଦ ପରିଡା କୁହନ୍ତି, ସେଭଳି କିଛି ଭୁଲ ହୋଇ ନ ଥିବା ସେ କହିଥିଲେ।

## ଜଳ ସଂରକ୍ଷଣ ନେଇ ସାଇକେଲରେ ସଚେତନତା





ବାଲୁଗାଁ ରୋଟାରୀ କ୍ଲବ ପକ୍ଷରୁ ସାଇକେଲ ଯାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ବାଲୁଗାଁ,୨୭।୮(ଡ଼ି.ଏନ.ଏ.)**

ପୃଥିବୀର ଭୂତଳ ଜଳ ଓ ତୈଳ ସଂରକ୍ଷଣ ତଥା ବାୟୁମଣ୍ଡଳର ଉତ୍ତାପ ବୃଦ୍ଧିକୁ ରୋକିବା ନେଇ ସାଇକେଲରେ ବିଭିନ୍ନ ଦେଶ ବୁଲି ସଚେତନତା ବାର୍ତ୍ତା ବାଣ୍ଟିବା ଲକ୍ଷ୍ୟ ନେଇ ବାହାରିଛନ୍ତି ୨ ରୋଟାରିଆନ। କେରଳ ରାଜ୍ୟ କାଲିକଟ ସହର ରୋଟାରୀ କ୍ଲବର ସଭ୍ୟ ରୋଟାରିଆନ୍ ଫାଏଜ୍ ଓ ଅଜିତ୍ ନିଜ ସହର କାଲିକଟଠାରୁ ସାଇକେଲ ଚଳାଇ ଏହି ଯାତ୍ରା ଆରମ୍ଭ କରିଛନ୍ତି। ସେମାନେ ଭାରତ, ନେପାଳ, ଭୁଟାନ, ମ୍ୟାନମାର, ଥାଇଲାଣ୍ଡ, ମାଲେସିଆ ଆଦି ଦେଶ ଦେଇ ପ୍ରାୟ ଆଠ ହଜାର କିଲୋମିଟର ରାସ୍ତା ଅତିକ୍ରମ କରି ସିଙ୍ଗାପୁରରେ ୧୨୦ଦିନରେ ପହଞ୍ଚିବା ଲକ୍ଷ୍ୟ ରଖିଛନ୍ତି । ଏହି ପରିପ୍ରେକ୍ଷୀରେ ବାଲୁଗାଁ ସହର ଦେଇ ଯିବା ସମୟରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ବାଣପୁର ବାଲୁଗାଁ ରୋଟାରୀ କ୍ଲବ୍ ତରଫରୁ ସଭାପତି ରୋଟାରିଆନ୍ ରବି ନାରାୟଣ ନାୟକ, ସମ୍ପାଦକ ହିଂମାଂଶୁ କୁମାର ପାତ୍ର, ପୂର୍ବତନ ସଭାପତି ଡ଼ାକ୍ତର ଯୋଗୀନ୍ଦ୍ରନାଥ ସେନାପତି, ଧୀରେନ୍ଦ୍ରନାଥ ପାତ୍ର, ଜଗଦୀଶ ପ୍ରସାଦ ଲାକୋଟିଆ, ଗୋପାଳଚନ୍ଦ୍ର ନାୟକ ପ୍ରମୁଖ ସେମାନଙ୍କୁ ସମ୍ବର୍ଦ୍ଧନା ଦେଇ ଉତ୍ସାହିତ କରିଥିଲେ ।

## ସ୍ତ୍ରୀଙ୍କୁ ନିର୍ଯାତନା, ସ୍ୱାମୀ ଗିରଫ

**ବାଲୁଗାଁ,୨୭।୮(ଡ଼ି.ଏନ.ଏ.)**

ଅଧିକ ଯୌତୁକ ଅର୍ଥ ଦାବି କରି ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ବାଲୁଗାଁ ପୋଲିସ ଅଭିଯୁକ୍ତ ସ୍ୱାମୀ ସ୍ଥାନୀୟ ନାଭାଲ ଫାଣ୍ଡି ଅଧୀନ ଅଠରବାଟିଆ ଗ୍ରାମର ମୋହନ ଦାସଙ୍କୁ ଗିରଫ କରିଛି । ପ୍ରକାଶ ଯେ, ମୋହନ ୧୦ବର୍ଷ ପୂର୍ବେ ବୈଦିକ ରୀତିରେ ବିବାହ କରିଥିବା ବେଳେ ତାଙ୍କର ୩ ସନ୍ତାନ ଅଛନ୍ତି । ଯୌତୁକ ବାବଦରେ ଅଧିକ ୫୦ହଜାର ଟଙ୍କା ବାପ ଘରୁ ଆଣିବା ପାଇଁ ମୋହନ ସବୁବେଳେ ସ୍ତ୍ରୀ ସସ୍ମିତାଙ୍କ ଉପରେ ଚାପ ପକାଇବା ସହ ନିର୍ଯାତନା ଦେଇ ଆସୁଥିଲେ। ନିର୍ଯାତନା ଅସହ୍ୟ ହେବାରୁ ସସ୍ମିତା ଘଟଣା ସମ୍ପର୍କରେ ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ । ପୋଲିସ୍ ନଂ ୭୫/୧୯ରେ ଏକ ମାମଲା ରୁଜୁ କରି ମୋହନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ବଡ଼ପୋଖରିଆରେ ଦୁର୍ଘଟଣା, ୨ ଗୁରୁତର

**ଟାଙ୍ଗୀ(ଖୋର୍ଦ୍ଧା), ୨୭।୮ (ଡି.ଏନ.ଏ.)**

୧୬ନଂ ଜାତୀୟ ରାଜପଥର ବଡପୋଖରିଆ ଛକଠାରେ ମଙ୍ଗଳବାର ଘଟିଥିବା ଏକ ଦୁର୍ଘଟଣାରେ ୨ ଅଟୋଯାତ୍ରୀ ଗୁରୁତର ହୋଇଛନ୍ତି। ବାଣପୁର ଥାନା ଅନ୍ତର୍ଗତ ପୁଞ୍ଜିୟାମା ଶାସନର ୭ ଯାତ୍ରୀ ଏକ ଅଟୋରେ ଆୟୁର୍ବେଦିକ ଚିକିତ୍ସା ନିମନ୍ତେ ଖୋର୍ଦ୍ଧା ଅଭିମୁଖେ ଯାଉଥିଲେ । ତେବେ ବଡ଼ପୋଖରିଆ ଛକଠାରେ ୪/୫ କୁକୁର ଅଟୋ ଆଡକୁ ମାଡ଼ି ଆସିବା ଫଳରେ ଦ୍ରୁତଗତିରେ ଥିବା ଅଟୋକୁ ଡ୍ରାଇଭର ପ୍ରମୋଦ ଦାସ ବାମ ଆଡକୁ ବୁଲାଇ ଦେଇଥିଲେ । ଫଳରେ ଗାଡ଼ିଟି ଭାରସାମ୍ୟ ରକ୍ଷା କରି ନ ପାରି ବାମପଟକୁ ଓଲଟି ପଡିଥିଲା । ଅଟୋରେ ବସିଥିବା ମାଟିଆ ସାହୁ (୫୮) ଓ ଡ୍ରାଇଭର ଘୋଷାଡି ହୋଇ ଗୁରୁତର ଭାବେ ଆହତ ହୋଇଥିଲେ। ୧୦୮ ଆମ୍ବୁଲାନ୍ସ ନ ମିଳିବାରୁ ଅନ୍ୟ ଏକ ଅଟୋ ଯୋଗେ ସ୍ଥାନୀୟ ଲୋକେ ଆହତଙ୍କୁ ପ୍ରଥମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଭୁବନେଶ୍ୱରସ୍ଥିତ ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ୩୧ରେ ମ୍ୟୁନିସିପାଲିଟି ଅବସରପ୍ରାପ୍ତ କର୍ମଚାରୀ ସଂଘର ଧାରଣା

**ଜଟଣୀ,୨୭।୮(ଡି.ଏନ୍.ଏ.):**

**ସ୍ୱାୟତ୍ତ ଶାସନ ଦିବସରେ କଳାବ୍ୟାଜ୍ ପିନ୍ଧିବେ**



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ସଂଘର କର୍ମକର୍ତ୍ତା ।

ବିଭିନ୍ନ ଦାବିରେ ଜଟଣୀ ମ୍ୟୁନିସିପାଲିଟି ଅବସରପ୍ରାପ୍ତ କର୍ମଚାରୀ ସଂଘ ପୁଣି ଆସନ୍ତା ୩୧ତାରିଖ ତଥା ସ୍ୱାୟତ୍ତ ଶାସନ ଦିବସରେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବ। ଏ ନେଇ ମଙ୍ଗଳବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସଂଘର ସଭାପତି ତଥା ଆଇନଜୀବୀ ସୁବ୍ରତ କୁମାର ନନ୍ଦ କହିଛନ୍ତି। ବାରମ୍ବାର ଆନ୍ଦୋଳନ ସତ୍ତ୍ୱେ ଅବସରପ୍ରାପ୍ତ କର୍ମଚାରୀଙ୍କ ବକେୟା ପ୍ରାପ୍ୟ ନ ମିଳିବା, ପୂର୍ଣ୍ଣ ପେନ୍‌ସନ୍ କାର୍ଯ୍ୟକାରୀ ନ କରିବା ପ୍ରତିବାଦରେ ପୁନଃ ସଂଘ ଆନ୍ଦୋଳନକୁ ଓହ୍ଲାଇବ। ଏପରିକି ଅବସରପ୍ରାପ୍ତ କର୍ମଚାରୀଙ୍କ ମଧ୍ୟରୁ ୫ ଜଣ ଇଚ୍ଛାମୃତ୍ୟୁ ଅନୁମତି ପାଇଁ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ନିକଟରେ ପ୍ରାର୍ଥନା କରାଯିବ ବୋଲି ସୂଚନା ଦେଇଥିଲେ। ଦୀର୍ଘବର୍ଷ ହେବ ଅବସର ଗ୍ରହଣ କରିଥିବା ୧୦୦ରୁ ଅଧିକ କର୍ମଚାରୀ ପାଇବାକୁ ଥିବା ସେମାନଙ୍କର ପ୍ରାପ୍ୟକୁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ପ୍ରଦାନ କରୁନାହାନ୍ତି। ପୂର୍ଣ୍ଣ ପେନଶନ ପରିବର୍ତ୍ତେ କେବଳ ପ୍ରୋଭିଜନାଲ ପେନଶନ ଦେଉଛନ୍ତି। ଏ ନେଇ ସଂଘ ପକ୍ଷରୁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ସୁବ୍ରତ କହିଥିଲେ। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପସଭାପତି ସୁବାସ ସୁବୁଦ୍ଧି, ସାଧାରଣ ସମ୍ପାଦକ ସରୋଜ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟରେ ଶିକ୍ଷକଙ୍କୁ ମୋବାଇଲ ମନା

**ଭୁବନେଶ୍ୱର, ୨୭।୮(ବ୍ୟୁରୋ**

**ଖୋର୍ଦ୍ଧା ଜିଲାରେ ତୁରନ୍ତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ**

ଶିକ୍ଷାନୁଷ୍ଠାନଗୁଡ଼ିକରେ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଶିକ୍ଷକଙ୍କ ଉପରେ କେତେକ କଟକଣା ଜାରି କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ଶିକ୍ଷକମାନେ ଠିକ୍ ସମୟରେ ବିଦ୍ୟାଳୟରେ ପହଞ୍ଚିବା, ନିୟମିତ ଶିକ୍ଷାଦାନ କରିବା ସହ ମୋବାଇଲ ଫୋନ୍ ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ପାଇଁ ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସରକାରଙ୍କ ନିର୍ଦ୍ଦେଶଗୁଡ଼ିକୁ ଖୋର୍ଦ୍ଧା ଜିଲା ଅନ୍ତର୍ଗତ ସମସ୍ତ ସରକାରୀ ତଥା ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ସରକାରଙ୍କ ନିର୍ଦ୍ଦେଶ ପରେ ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ପତ୍ର ଦ୍ୱାରା ଆଦେଶ ଦିଆଯାଇଛି। ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟ ସପ୍ତାହର ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏବଂ ଶନିବାର ସକାଳ ସାଢ଼େ ୬ଟାରୁ ଅପରାହ୍ନ ସାଢ଼େ ୧୨ଟା ପର୍ଯ୍ୟନ୍ତ ବିଦ୍ୟାଳୟ ପରିସରରେ ଶିକ୍ଷକ କିମ୍ବା କୌଣସି ବ୍ୟକ୍ତିବିଶେଷ ଦ୍ୱାରା ମୋବାଇଲ ଫୋନ ବ୍ୟବହାର ହୋଇପାରିବ ନାହିଁ। ସେହିପରି ସମସ୍ତ ବିଦ୍ୟାଳୟ ପରିସରକୁ ନିଶାଦ୍ରବ୍ୟ ନିଷେଧାଞ୍ଚଳ ଘୋଷଣା କରାଯାଇଥିବାରୁ ଏଥିରେ ବ୍ୟତିକ୍ରମ ଦେଖାଗଲେ ସମ୍ପୃକ୍ତ ବ୍ୟକ୍ତି, ଶିକ୍ଷକ ବା କର୍ମକର୍ତ୍ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି କ୍ରମରେ ଖୋର୍ଦ୍ଧା ଜିଲା ଶିକ୍ଷା ପ୍ରକଳ୍ପ ସଂଯୋଜକ ଅମିତା ପଟ୍ଟନାୟକ ଗତ ୨୧ତାରିଖରେ ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଜାଗୁଲେଇପାଟଣା ବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରିଥିଲେ। ଏହି ସମୟରେ ପ୍ରଧାନଶିକ୍ଷକ ଓ ଜଣୈକ ସହକାରୀ ଶିକ୍ଷକଙ୍କୁ ବିଳମ୍ବରେ ପହଞ୍ଚିବାର ଦେଖିଥିଲେ। ସେମାନେ ଏପରି ନିୟମିତ ବିଳମ୍ବରେ ଆସୁଥିବା ସୂଚନା ପାଇବା ପରେ ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ବ୍ଲକ ଶିକ୍ଷାଧିକାରୀ ସମ୍ପୃକ୍ତ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକଙ୍କୁ ନିଲମ୍ବନ କରିଥିବା ଜଣାପଡ଼ିଛି।

## ଭ୍ରାମ୍ୟମାଣ ମାଗଣା ସ୍ୱାସ୍ଥ୍ୟସେବା ଶିବିର

**ବୋଲଗଡ଼,୨୭।୮(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ବାଙ୍କୋଇଦେଶ ପଞ୍ଚାୟତ କାର୍ଯ୍ୟାଳୟଠାରେ ମଙ୍ଗଳବାର ଭ୍ରାମ୍ୟମାଣ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ପିପୁଲ୍ସ ଫୋରମ୍ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ଶିବିରରେ ବିଭିନ୍ନ ବିଭାଗର ଡାକ୍ତର ଚିକିତ୍ସା ଓ ସ୍ୱାସ୍ଥ୍ୟଭିତ୍ତିକ ପରାମର୍ଶ ଦେଇଥିଲେ । ଭ୍ୟାନ୍‌ରେ ଅନୁଷ୍ଠାନ ପକ୍ଷରୁ ଗାଡ଼ିରେ ରହିଥିବା ଔଷଧକୁ ମାଗଣାରେ ବଣ୍ଟନ କରାଯାଇଥିଲା। ସରପଞ୍ଚ ଜ୍ୟୋତ୍ସ୍ନାମୟୀ ଫତେସିଂହ, ସାମାଜିକ କର୍ମୀ ପ୍ରଦୀପ କୁମାର ପଟ୍ଟନାୟକ, ଶିକ୍ଷାବିତ ଜୟକୃଷ୍ଣ ଫତେସିଂହ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ■ ରିଲିଫ୍ ବଣ୍ଟନ ବେଳେ ଗଣ୍ଡଗୋଳ

# ୩ ଟ୍ରକ୍ ପଞ୍ଚାୟତ କାର୍ଯ୍ୟାଳୟରେ ଅଟକ

**ନିରାକାରପୁର,୨୭।୮(ଡି.ଏନ.ଏ.)**



ରିଲିଫ୍ କିଟ୍ ବଣ୍ଟନ ବେଳେ ଉତ୍ତେଜନା ।

ନିରାକାରପୁର ବ୍ଲକ ଫନୀ ବାତ୍ୟା କ୍ଷତିଗ୍ରସ୍ତଙ୍କୁ ଓାର୍ଲ୍ଡ ଭିଜନ ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ସକାଳେ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଉଥିବାବେଳେ ଗଣ୍ଡଗୋଳ ଘଟିଛି। ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୪୦୦ ଜଣଙ୍କୁ ୪ଟି କିଟ୍ ଲେଖାଏ ସହାୟତା ପ୍ରଦାନ କରାଯାଇଥିଲା। ଏଥିରେ ରନ୍ଧନ ସାମଗ୍ରୀ, ଗ୍ରୋସରି ଓ ଗୋଟିଏ ପାଲ ଇତ୍ୟାଦି ରହିଛି । ତେବେ ଏହା ସରିଯିବା ପରେ ଉତ୍କ୍ଷିପ୍ତ ଗ୍ରାମବାସୀ ୩ଟି ଟ୍ରକ୍‌କୁ ସେହି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରଖି ମୁଖ୍ୟ ଫାଟକରେ ତାଲା ପକେଇ ଦେଇଥିଲେ । ଫଳରେ ଟ୍ରକ୍‌ଗୁଡ଼ିକ କିଛି ଘଣ୍ଟା ପର୍ଯ୍ୟନ୍ତ ଅଟକ ରହିଥିଲା। ବଣ୍ଟନ ବେଳେ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷ ବିଜୟ ଜେନା, ଉପାଧ୍ୟକ୍ଷ ତୃପ୍ତିମୟୀ ଆଚାର୍ଯ୍ୟ, ସରପଞ୍ଚ ପବିତ୍ର ଦାସ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତାଙ୍କୁ କ୍ଷତିଗ୍ରସ୍ତ ଲୋକେ ଅଭିଯୋଗ କରିଥିଲେ ଯେ, ସୋମବାର କେତେଜଣ ୩୦୦ ଟଙ୍କା ଲେଖାଏ ଦେଇ ରିଲିଫ୍ ଟୋକନ୍ ହାସଲ କରିଛନ୍ତି। ଲକ୍ଷ୍ମୀଧର ସେଠୀ(୬୨) ଓ ପାଣ୍ଡୁ ଜେନା(୮୫) ଏ ନେଇ କହିଥିଲେ ଯେ କାଲିଠାରୁ ଟୋକନ୍ ନେଇଥିବାରୁ ସେମାନେ କିଟ୍ ପାଇଛନ୍ତି। ଆମେ ଗରିବ ଲୋକ ଆମ କଥା କିଏ ଶୁଣୁଛି ? ଟାଙ୍ଗୀ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ଜେନାଙ୍କୁ ପଚାରିବାରୁ ସେ କହିଥିଲେ, ଏହା କୌଣସି ଦଳରୁ ଆସିନାହିଁ, ଓାର୍ଲ୍ଡ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଦିଆଯାଇଛି । ସେମାନେ ଜିଲାପାଳ ଓ ବିଡିଓଙ୍କୁ ଅବଗତ କରିଛନ୍ତି। ଉକ୍ତ ଘଟଣା ନେଇ ନିରାକାରପୁର ଥାନା ଏଏସ୍ଆଇ ଶରତ ପାଇକରାୟ କହିଥିଲେ ଯେ, କାର୍ଯ୍ୟକ୍ରମବେଳେ ଯଦି ତାଙ୍କ ଦ୍ୱାରା କିଛି ତ୍ରୁଟି ହୋଇଯାଇଥାଏ ସେଥିନିମନ୍ତେ କ୍ଷମା ଚାହୁଁଛନ୍ତି। ତେବେ ୱାର୍ଡ଼ ପିଛା ୪୦ଜଣ ଲେଖାଏ କ୍ଷତିଗ୍ରସ୍ତଙ୍କୁ କିଟ୍ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ପରେ ଅପରାହ୍ନ ୫ଟାରେ ୩ ଟ୍ରକ୍‌କୁ ମୁକ୍ତ କରାଯିବା ସହ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ, ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି ।
-ମିଲ୍ଟନ୍



## ସଂକ୍ଷେପରେ

### ଛାତ୍ର ସଂସଦ ନିର୍ବାଚନ ବନ୍ଦ ପ୍ରତିବାଦରେ ବିକ୍ଷୋଭ

**ପୁରୀ ଅଫିସ,୨୭।୮:** ରାଜ୍ୟରେ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ବନ୍ଦ ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପୁରୀ ନଗର ପକ୍ଷରୁ ବିରୋଧ କରାଯାଇଛି। ଏ ନେଇ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଆଗରେ ମଙ୍ଗଳବାର ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁଙ୍କ ଫଟୋଚିତ୍ରରେ କାଳି ବୋଳିଥିଲେ। ସିଲେକ୍ସନ ପରିବର୍ତ୍ତେ ନିର୍ବାଚନ ମାଧମରେ ଛାତ୍ର ପ୍ରତିନିଧି ବାଛିବାକୁ ଦାବି କରିଥିଲେ। ବିକ୍ଷୋଭରେ ଏବିଭିପିର ପୁରୀ ସଦର ବ୍ଲକ ସଂଯୋଜକ ତାରାପ୍ରସାଦ ଦାଶଙ୍କ ନେତୃତ୍ୱରେ ଜିଲା ଛାତ୍ରୀ ପ୍ରମୁଖ ନିହାରିକା ତ୍ରିପାଠୀ, ଜିଲା ଏସ୍ଏଫ୍ଏସ୍ ପ୍ରମୁଖ ଶିବାନନ୍ଦ ପାଢୀ, କାର୍ଯ୍ୟାଳୟ ସମ୍ପାଦକ ଜ୍ୟୋତି ରଞ୍ଜନ ପଣ୍ଡା, ନଗର ସମ୍ପାଦିକା ବେବିନା ବେହେରା, ରାକେଶ କୁମାର ସେଠୀ, ତ୍ରିଲୋଚନ ବାରିକ, ପ୍ରୀତେଶ ଭୂୟାଁ, ଏସ. ସାଏଙ୍କା ଶର୍ମା, ବିଜୟଲକ୍ଷ୍ମୀ ଓଝା, ଆଦ୍ୟାଶା ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

### ଦୟାନଦୀରୁ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ

**କଣାସ, ୨୭।୮(ଡି.ଏନ୍.ଏ.):** କଣାସ ବ୍ଲକ ଅନ୍ତର୍ଗତ ଚୁପୁରିଙ୍ଗି ନିକଟସ୍ଥ ଦୟାନଦୀ ପଠାରୁ ମଙ୍ଗଳବାର ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହକୁ ଗଡ଼ିଶାଗୋଡା ଥାନା ପୋଲିସ ଜବତ କରିଛି। ଅପରାହ୍ଣରେ ସ୍ଥାନୀୟ ଲୋକେ ମୃତଦେହକୁ ଦେଖି ଥାନାକୁ ଖବର ଦେଇଥିଲେ। ଖବର ପାଇ ଥାନା ଏସ୍ଆଇ ଦୁଃଶାସନ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଜଟଣୀ ଅଞ୍ଚଳର ଜଣେ ଲୋକ ଇନ୍ଦ୍ରକୁମାର ଅଗ୍ରୱାଲ ନିଖୋଜ ହୋଇଥିବା ନେଇ ଜଟଣୀ ଥାନାରେ ୧୦ ଦିନ ତଳେ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ଖବର ପାଇ ୧୨ରୁ୧୪ ଜଣ ବ୍ୟକ୍ତି ଜଟଣୀରୁ ଆସି ସେଠାରେ ପହଞ୍ଚିଥିଲେ ବି କ୍ଷତବିକ୍ଷତ ମୃତଦେହକୁ ଚିହ୍ନଟ କରିପାରି ନ ଥିଲେ।

### ଖବରଦାତାଙ୍କ ମାତୃ ବିୟୋଗ

**ଗୋପ, ୨୭।୮(ଡି.ଏନ୍.ଏ.):** ଗୋପ ବ୍ଲକ୍ 'ଧରିତ୍ରୀ' ପ୍ରତିନିଧି ଭାରତୀ ଭୂଷଣ ଉପାଧ୍ୟାୟଙ୍କ ମାତା ରଙ୍ଗଲତା ଉପାଧ୍ୟାୟ(୮୩)ଙ୍କର ସୋମବାର ରାତିରେ ପରଲୋକ ଘଟିଛି। ସ୍ୱର୍ଗତ ରଙ୍ଗଲତା ଗୋପ ଅଞ୍ଚଳର ବିଭିନ୍ନ ସଂଗଠନ ସହ ଜଡ଼ିତ ହୋଇ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ଗୋପ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ବିଭୂତି ଭୂଷଣ ଉପାଧ୍ୟାୟ, ଅବନୀ ଭୂଷଣ ଉପାଧ୍ୟାୟ, ଅନନ୍ତ ଭୂଷଣ ଉପାଧ୍ୟାୟ, ଭାରତୀ ଭୂଷଣ ଉପାଧ୍ୟାୟ ଓ ସୁବାସ ଭୂଷଣ ଉପାଧ୍ୟାୟ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ଅଗ୍ନିକାଣ୍ଡ: ୩ ବଖରା ଭସ୍ମୀଭୂତ

**ବେଗୁନିଆ,୨୭।୮(ଡି.ଏନ୍.ଏ.):** ବେଗୁନିଆ ତହସିଲ ଅନ୍ତର୍ଗତ ଗୋଡିପୋଖରୀ ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ସୁଦର୍ଶନ ମହାପାତ୍ରଙ୍କ ୩ ବଖରା ଭସ୍ମୀଭୂତ ହୋଇଯାଇଛି। ଖବରପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ପ୍ରାୟ ୫୦ହଜାର ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଥିବା ରାଜସ୍ୱ ବିଭାଗ ପକ୍ଷରୁ ଆକଳନ କରାଯାଇଛି।

# ଦେବୀନଦୀରେ ବିପଜ୍ଜନକ ଡଙ୍ଗା ଯାତ୍ରା

**କାକଟପୁର, ୨୭।୮(ଡି.ଏନ୍.ଏ.)**



ଦେବୀ ନଦୀରେ ଲୋକମାନେ ବିପଜ୍ଜନକ ଭାବେ ଯାତାୟାତ କରୁଛନ୍ତି।

- ୫ବର୍ଷ ପରେ ବି ବିଜୁ ସେତୁ ଅସମ୍ପୂର୍ଣ୍ଣ
- ଯାତ୍ରୀଙ୍କ ପାଇଁ ନାହିଁ ଲାଇଫ୍ ଜ୍ୟାକେଟ
- ସବୁ ଜାଣି ଚୁପ୍ ବସିଛି ପ୍ରଶାସନ

କାକଟପୁର ଓ ଅସ୍ତରଙ୍ଗ ଦେଇ ପ୍ରବାହିତ ଦେବୀ ନଦୀ ଏବେ ଜଳପୂର୍ଣ୍ଣ ରହିଛି। ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ନଦୀରେ ଯାତ୍ରା କରିବା ବିପଜ୍ଜନକ ହୋଇପଡ଼ିଛି। ଦୀପାଞ୍ଚଳ ଭାବେ ପରିଚିତ ଅସ୍ତରଙ୍ଗ ବ୍ଲକର ତାଳଦା, ଜଗତ୍‌ସିଂହପୁର ଜିଲାର ତରାସାହି ପଞ୍ଚାୟତର ଲୋକେ ଓ ଛାତ୍ରୀଛାତ୍ର ଡଙ୍ଗାରେ ବିପଦପୂର୍ଣ୍ଣ ଯାତ୍ରା କରୁଛନ୍ତି। ଯାତ୍ରୀମାନେ ନିଜ ନିଜ ମୋଟର ସାଇକେଲ, ଜିନିଷପତ୍ର ଧରି ଡଙ୍ଗାରେ ନଦୀପାର ହେଉଥିବାବେଳେ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଡଙ୍ଗାରେ ଲାଇଫ ଜ୍ୟାକେଟ ମହଜୁଦ ରଖିବା ନିୟମ ରହିଥିଲେ ମଧ୍ୟ ଗୋଟିଏ ହେଲେ ଲାଇଫ୍ ଜ୍ୟାକେଟ ରଖାଯାଇନାହିଁ। ସବୁ ଜାଣିବି ପ୍ରଶାସନ ଚୁପ୍ ବସିଛି।

ତାଳଦା ଏବଂ ତରାସାହି ପଞ୍ଚାୟତର ଜନସାଧାରଣ ନିୟମିତ ଅସ୍ତରଙ୍ଗ, କାକଟପୁର, ନୟାହାଟ, ପୁରୀ, ଭୁବନେଶ୍ୱରକୁ ଯାତାୟାତ କରିବାକୁ ଡଙ୍ଗାରେ ନଦୀପାର ହେଉଥିବାବେଳେ ସରକାରୀ କର୍ମଚାରୀ, ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ରମାନେ ମଧ୍ୟ ଡଙ୍ଗାରେ ନଦୀପାର ହେଉଛନ୍ତି। ଏଠାରେ ଦେବୀ ନଦୀ ଉପରେ ଏକ ୩୭କୋଟି ବ୍ୟୟରେ ବିଜୁ ସେତୁ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ୨୦୧୪ରେ ଶିଳାନ୍ୟାସ କରିଥିଲେ। ଅସ୍ତରଙ୍ଗ ଗ୍ରାମ୍ୟଉନ୍ନୟନ ବିଭାଗ କାର୍ଯ୍ୟ ଆରମ୍ଭ କରିଥିବାବେଳେ ୨୦୧୭ ଜୁନ୍ ମାସ ପୂର୍ବରୁ ସେତୁ ନିର୍ମାଣ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ତେବେ ଶିଳାନ୍ୟାସର ୫ବର୍ଷ ଏବଂ ଧାର୍ଯ୍ୟ ଅବଧିର ୨ବର୍ଷ ବିତିଥିଲେ ବି କାର୍ଯ୍ୟ ସରିନି। ସେତୁ ନିର୍ମାଣ ହେଲେ ଉପରୋକ୍ତ ୨ ପଞ୍ଚାୟତର ୧୦ହଜାର ଲୋକେ ଉପକୃତ ହେବା ସହ ପାରାଦ୍ୱୀପ, ଜଗତ୍‌ସିଂହପୁରଠାରୁ ପୁରୀ ଓ ଭୁବନେଶ୍ୱର ମଧ୍ୟରେ ସିଧାସଳଖ ରାସ୍ତା ସଂଯୋଗ ହୋଇପାରିବ ଓ ଦୂରତା ହ୍ରାସ ପାଇବ। ସ୍ଥାନୀୟ ଜନପ୍ରତିନିଧିଙ୍କ ଇଚ୍ଛା ଶକ୍ତିର ଅଭାବ, ବିଭାଗୀୟ ଉଦାସୀନତା କାରଣରୁ ସେତୁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବା କହିଛନ୍ତି ତାଳଦା ପଞ୍ଚାୟତର ସୁରେନ୍ଦ୍ର ମହାନ୍ତି ଓ ଶ୍ରୀଦେବୀ ଦାଶ। ଘାଟକୁ ଲକ୍ଷ ଲକ୍ଷ ଟଙ୍କାରେ ନିଲାମ କରିଦେଇ ବ୍ଲକ ପ୍ରଶାସନ ଚୁପ୍ ବସିପଡୁଛି। ଯାତ୍ରୀଙ୍କ ସୁରକ୍ଷା ପାଇଁ ଧ୍ୟାନ ଦେଉନାହିଁ। ଡଙ୍ଗାରେ ଲୋକମାନେ କିପରି ଯାତାୟାତ କରୁଛନ୍ତି ସେ ଦିଗରେ ଅନୁଧ୍ୟାନ କରୁନାହିଁ ବୋଲି କହିଛନ୍ତି ତରାସାହିର ମହେନ୍ଦ୍ର ବେହେରା ଓ ସୁକାନ୍ତ ପଡ଼ିହାରୀ। ଏ ସମ୍ପର୍କରେ ଡଙ୍ଗା ଚାଳକ ଗନ୍ଧର୍ବ କାଣ୍ଡି କୁହନ୍ତି, ନିଲାମ ଅର୍ଥ ବହୁତ ହୋଇଯାଉଥିବାରୁ ଲାଭାଂଶ କମ୍ ମିଳୁଛି। ସେଥିରେ କଷ୍ଟେମଷ୍ଟେ ପରିବାର ଚଳାଉଛୁ। ଲାଇଫ୍ ଜ୍ୟାକେଟ କିଣିବାକୁ ଆବଶ୍ୟକ ଟଙ୍କା ଯୋଗାଡ଼ କରିବୁ କେଉଁଠୁ? ଯଦି ପ୍ରଶାସନ ୫୦ଟି ଲାଇଫ୍ ଜ୍ୟାକେଟ ଯୋଗାଇ ଦିଅନ୍ତା ତେବେ ଖୁବ୍ ଭଲ ହୁଅନ୍ତା। ଅସ୍ତରଙ୍ଗ ବିଡିଓ ଅଶୋକ କୁମାର ଲେଙ୍କା କୁହନ୍ତି, ପଦକ୍ଷେପ ଗ୍ରହଣ କରାଗଲେ ଡଙ୍ଗାଚଳାଚଳ ବନ୍ଦ ହୋଇଯିବ ଓ ଲୋକେ ଯାତାୟାତ କରିପାରିବେ ନାହିଁ। ତେଣୁ ସବୁ ଜାଣି ଚୁପ ରହିବାକୁ ପଡୁଛି। ଅସ୍ତରଙ୍ଗ ତହସିଲଦାର ଅଶୋକ କୁମାର ସ୍ୱାଇଁଙ୍କୁ ଏ ସମ୍ପର୍କରେ ପଚାରିବାରୁ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିଲେ। ଅସ୍ତରଙ୍ଗ ଗ୍ରାମ୍ୟଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ରତନକୁମାର ନାୟକଙ୍କୁ ପଚାରିବାରେ ବହୁବିଧ ସମସ୍ୟା କାରଣରୁ ତାଳଦା ସେତୁ ସମ୍ପୂର୍ଣ୍ଣ ହୋଇପାରିନାହିଁ। ନଦୀ ଗର୍ଭରେ ଦବିଯାଇଥିବା ୧୮, ୧୯, ୨୦ ସ୍ଥାନର ଡିଜାଇନ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିବା ପରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ୨୦୨୦ ସୁଦ୍ଧା ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ସେ କହିଥିଲେ।

- ଦମ୍ପତି ମୃତ୍ୟୁ ଘଟଣାକୁ ୧୮ ଦିନ ବିତିଲା

# ରହସ୍ୟ ଉପରୁ ଉଠିନି ପରଦା

**ନିମାପଡ଼ା,୨୭।୮(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅନ୍ତର୍ଗତ ରେଞ୍ଚ ମହାନ୍ତି ସାହି ଗ୍ରାମରୁ ଗତ ୧୧ତାରିଖ ଅପରାହ୍ଣରେ ଏକ ଦମ୍ପତିଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଥିଲା। ମୃତ ଦମ୍ପତି ହେଲେ ଏହି ଗ୍ରାମର ବିଶ୍ୱଜିତ୍ ମହାନ୍ତି(୨୯) ଓ ତାଙ୍କ ସ୍ତ୍ରୀ ଲିଲି ପ୍ରଧାନ(୨୫)। ଏହି ଦମ୍ପତିଙ୍କ ମୃତ୍ୟୁ ଘଟଣାକୁ ୧୮ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଘଟଣାର ପର୍ଦ୍ଦାଫାଶ କରିପାରି ନାହିଁ। ଏହି ମୃତ୍ୟୁକୁ କେହି ଆତ୍ମହତ୍ୟା କହୁଥିବା ବେଳେ ଆଉ କେହି ଯୋଜନବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ନିମାପଡ଼ା ଥାନା ଆଇଆଇସି ଜନାର୍ଦ୍ଦନ ପାଢୀ ଓ ତଦନ୍ତକାରୀ ଅଫିସର ଏସ୍ଆଇ ସନ୍ଧ୍ୟାରାଣୀ ବିଶ୍ୱାଳ କୁହନ୍ତି, ଏଭଳି ଏକ ସ୍ପର୍ଶକାତର ଘଟଣାକୁ ଗୁରୁତର ସହ ବିଚାର କରୁଛୁ। ମୃତଦେହ ବ୍ୟବଚ୍ଛେଦ ଓ ଭିସେରା ପରୀକ୍ଷାର ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟଭାବେ ଜଣାପଡିବା ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ସୂଚନାଥାଉକି, ନିମାପଡ଼ା ଥାନା ଅନ୍ତର୍ଗତ ରେଞ୍ଚ ମହାନ୍ତି ସାହି ଗ୍ରାମରେ ବିଶ୍ୱଜିତ ମା'ବାପାଙ୍କ ସହ ସପରିବାର ରହୁଥିଲେ। ବିଶ୍ୱଜିତ୍‌ଙ୍କ ମା'ଙ୍କ ଦେହ ଖରାପ ଥିବାରୁ ଚିକିତ୍ସା ପାଇଁ ତାଙ୍କ ମା' ଓ ବାପା ୧୦ଦିନ ପୂର୍ବେ କଟକ ଯାଇଥିଲେ। ୧୧ତାରିଖ ଅପରାହ୍ଣରେ ଫେରି ଘର କବାଟ ଖୋଲିବା ପରେ ତାଙ୍କ ପୁଅ ଓ ବୋହୂ ଘର ବାରଣ୍ଡାରେ ଥିବା ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକ ଜାଣି ପୋଲିସକୁ ଜଣାଇଥିଲେ। ବିଶ୍ୱଜିତଙ୍କ ବାପା ପ୍ରମୋଦ ମହାନ୍ତି ତାଙ୍କ ପୁଅ ଓ ବୋହୂ ଆତ୍ମହତ୍ୟା କରିଛନ୍ତି ବୋଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୪/୧୯)ରୁଜୁ କରି ତଦନ୍ତ ଚଳାଇଥିଲା। ଗତ ୧୨ତାରିଖରେ ତାଙ୍କ ଜ୍ୱାଇଁ ଓ ଝିଅଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ମୃତା ଲିଲିଙ୍କ ବାପା ସର୍ବେଶ୍ୱର ପ୍ରଧାନ ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ। ସର୍ବେଶ୍ୱରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ହତ୍ୟା ମାମଲା (ନଂ.୨୦୪/୧୯)ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଭାରତୀୟ କନ୍‌ସୁଲ ଜେନେରାଲଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ



ସୂର୍ଯ୍ୟମନ୍ଦିର ସମ୍ମୁଖରେ କନ୍‌ସୁଲ ଜେନେରାଲ ହିତେଶ ରାଜପାଲ ଏବଂ ଅନ୍ୟମାନେ।

**କୋଣାର୍କ, ୨୭।୮(ଡି.ଏନ.ଏ)**

ବ୍ରିଟେନର ସ୍କଟ୍‌ଲାଣ୍ଡଠାରେ ଅବସ୍ଥାପିତ ଭାରତୀୟ କନ୍‌ସୁଲ ଜେନେରାଲ ହିତେଶ ରାଜପାଲ ମଙ୍ଗଳବାର ଅପରାହ୍ଣରେ ସପରିବାର କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ରାଜପାଲ ପରିବାର ସହ ସୂର୍ଯ୍ୟମନ୍ଦିର ମୁଖ୍ୟଫାଟକ ସମ୍ମୁଖରେ ପହଞ୍ଚିବା ପରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ତାଙ୍କୁ ସ୍ୱାଗତ ଜଣାଇଥିଲେ। ସରକାରୀ ସୀକୃତିପ୍ରାପ୍ତ ଗାଇଡ୍ ଆଭାସ ଚନ୍ଦ୍ର ମହାନ୍ତି ସେମାନଙ୍କୁ ମନ୍ଦିରର ଐତିହ୍ୟ, କଳାକୃତି ଓ ମନ୍ଦିରରଗାଥା ସମ୍ପର୍କରେ ବୁଝାଇଥିଲେ। ପରେ କନସୁଲ ଜେନେରାଲ ଇଣ୍ଡିଆନ ଅଏଲ ଫାଉଣ୍ଡେଶନ ପକ୍ଷରୁ ନିର୍ମିତ ବ୍ୟାଖ୍ୟାନକେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ କୋଣାର୍କ ଥାନା ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।

- ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ପ୍ରସଙ୍ଗକୁ ବିରୋଧ

# କୋର୍ଟ ବର୍ଜନ କଲେ ଆଇନଜୀବୀ

**ପୁରୀ ଅଫିସ,୨୭।୮**



ବାର୍ ଆସୋସିଏଶନ ସମ୍ମୁଖରେ ଆଇନ୍‌ଜୀବୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ପ୍ରସ୍ତାବକୁ ବିରୋଧ କରିଛି ପୁରୀ ଓକିଲ ସଂଘ। ମଙ୍ଗଳବାର ସଂଘ ପକ୍ଷରୁ କୋର୍ଟ ବର୍ଜନ କରାଯାଇଛି। ବାର୍ କାର୍ଯ୍ୟାଳୟ ଆଗରେ ଆଇନଜୀବୀମାନେ ବିକ୍ଷୋଭ କରିଥିଲେ। ମଙ୍ଗଳବାରଠାରୁ ଓକିଲମାନେ ଦୁଇଦିନ ବ୍ୟାପୀ କୋର୍ଟ କାର୍ଯ୍ୟରେ ଯୋଗଦେବେ ନାହିଁ। ବାର୍ ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ କହିଲେ ଯେ, ରାଜ୍ୟ ସରକାର ଅବଢା ଯୋଜନାରେ ପୁରୀ ସହରର ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ହେଲେ ସାଧାରଣ ଜନତା ହଇରାଣ ହେବେ। ଏଥିପ୍ରତି ସରକାର ଗୁରୁତ୍ୱ ଦେବା ଆବଶ୍ୟକ। ବୁଧବାର ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯିବ। ତୁରନ୍ତ ନିଆ ନ ଗଲେ ବଡ ଧରଣର ଆନ୍ଦୋଳନ ହେବ। ବାର୍ ସମ୍ପାଦକଙ୍କ ସମେତ ସଭାପତି ପ୍ରଶାନ୍ତ କୁମାର ମିଶ୍ର, ଉପସଭାପତି ଦେବେନ୍ଦ୍ରନାଥ ମିଶ୍ର, ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ, ଯୁଗ୍ମ ସମ୍ପାଦକ ସଂଗ୍ରାମ ଦାଶ, କାର୍ଯ୍ୟକାରୀ ସଦସ୍ୟ ଅଶୋକ ପାଣିଗ୍ରାହୀ, ପୂର୍ବତନ ସଭାପତି ଆଦିତ୍ୟ ହୃଦୟ ମିଶ୍ର, ପୂର୍ବତନ ସାଧାରଣ ସମ୍ପାଦକ ସାରଦା ସାମଲ, ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର ଏବଂ ଅନ୍ୟ ସମସ୍ତ ଓକିଲ କୋର୍ଟ ବର୍ଜନ କରିଥିଲେ।

# ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କୁ ପ୍ରଶିକ୍ଷଣ

**ସାକ୍ଷୀଗୋପାଳ, ୨୭।୮(ଡି.ଏନ୍.ଏ.)**

ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନେଇ ମତ୍ସ୍ୟ ଚାଷ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ସାକ୍ଷୀଗୋପାଳଠାରେ ଅନୁଷ୍ଠିତ ହୋଇଯାଇଛି। ପୁରୀଜିଲା ମତ୍ସ୍ୟ ବିଭାଗ ଓ ମହିଳା ମିଶନ ଶକ୍ତି ପକ୍ଷରୁ ସ୍ଥାନୀୟ ଆତ୍ମା ସଭାଗୃହରେ ଆୟୋଜିତ ଶିବିରରେ ସତ୍ୟବାଦୀ, ଡେଲାଙ୍ଗ, କଣାସ ଓ କୃଷ୍ଣପ୍ରସାଦ ବ୍ଲକର ମହିଳା ଗୋଷ୍ଠୀର ପ୍ରମୁଖ କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ସତ୍ୟବାଦୀ ବିଡିଓ ସରୋଜ କୁମାର ଦତ୍ତ, ସମ୍ମାନିତ ଅତିଥି ଭାବେ ଆତ୍ମା ସଭାପତି ବେବିଲାଲ ମିଶ୍ର, ଜିଲା ମତ୍ସ୍ୟ ଅଧିକାରୀ ଦେବେନ୍ଦ୍ର ବେହେରା, ଅତିରିକ୍ତ ଜିଲା ମତ୍ସ୍ୟ ଅଧିକାରୀ ଶୁଭାଶ୍ରୀ ଦାସ, ମତ୍ସ୍ୟ ବିଜ୍ଞାନୀ ମାନସ ରଞ୍ଜନ ବେହେରା ଓ ମତ୍ସ୍ୟ ଗବେଷଣା କେନ୍ଦ୍ର ଅଧିକାରୀ କ୍ଷୀରୋଦ ଚନ୍ଦ୍ର ନାୟକ ଯୋଗଦେଇଥିଲେ। ମତ୍ସ୍ୟଚାଷ କରି କିପରି ମହିଳାମାନେ ଉପାର୍ଜନ କ୍ଷମ ହୋଇପାରିବେ ସେନେଇ ଆଲୋଚନା କରିଥିଲେ। ଗ୍ରାମକୋଠ ଓ ପଞ୍ଚାୟତ ପୋଖରୀରେ ମହିଳାମାନେ କିପରି ମାଛଚାଷ କରିବାର ସୁଯୋଗ ରହିଛି ଏଦିଗରେ ସହକାରୀ ମତ୍ସ୍ୟ ସମ୍ପଦ ଅଧିକାରୀ ଦ୍ୱାରିକାନାଥ ଦାଶ, ପ୍ରତାପ ସାମନ୍ତରାୟ ଓ ସୁବ୍ରତ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ମାଛଚାଷ ନିମନ୍ତେ ଆବଶ୍ୟକ ଖର୍ଚ୍ଚର ଶତକଡା ୯୦ ଭାଗ ବ୍ୟାଙ୍କଗୁଡିକ ଋଣ ଆକାରରେ ଯୋଗାଇ ଦେଉଥିବା ଅଧିକାରୀମାନେ କହିଥିଲେ।

# ପୋଲରୁ କଂକ୍ରିଟ ଉଠିଯିବାରୁ ଯାତାୟାତରେ ଅସୁବିଧା



ସେତୁ ଉପରେ କଂକ୍ରିଟ ଉଠିଯାଇ ରଡ୍ ବାହାରକୁ ଦିଶୁଛି।

**ଡେଲାଙ୍ଗ, ୨୭।୮(ଡି.ଏନ୍.ଏ.)**

ଖୋର୍ଦ୍ଧା-ପଟ୍ଟନାୟିକିଆ ରାସ୍ତାର ତିରିମଲଠାରେ ଦୟାନଦୀ ଉପରେ ନିର୍ମାଣ ହୋଇଥିବା ସେତୁ ଉପରୁ କଂକ୍ରିଟ ଉଠିଯିବା ଫଳରେ ରଡଗୁଡିକ ବାହାରି ପଡିଥିବାରୁ ଯାତାୟାତରେ ଅସୁବିଧା ହୋଇଛି। କଂକ୍ରିଟ ଉଠି ଯିବା ଯୋଗୁ ସେତୁ ଉପରେ ଏକ ବଡ଼ ଖାଲ ସୃଷ୍ଟି ହୋଇଛି। ଏହି ସେତୁ ଉପରେ ଦୈନନ୍ଦିନ ହଜାର ହଜାର ଭାରିଯାନ ଯାତାୟାତ କରୁଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏହି ସେତୁଟି ଡେଲାଙ୍ଗ ବ୍ଲକ ଓ ଜଟଣୀ ବ୍ଲକ ସୀମାରେ ଅବସ୍ଥିତ। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଖୋର୍ଦ୍ଧା ପୂର୍ତ୍ତ ବିଭାଗର ହୋଇଥିବାରୁ ଏହାକୁ ମରାମତି କରିବା ପାଇଁ ବାରମ୍ବାର ଦାବିହୋଇ ଆସୁଥିଲେ ସୁଦ୍ଧା ଅଦ୍ୟାବଧି ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ନ ଥିବା ସ୍ଥାନୀୟ ଅଧିବାସୀଙ୍କୁ ବ୍ୟଥିତ କରିଛି। ବର୍ଷା ହେଲେ ସୃଷ୍ଟି ହୋଇଥିବା ଖାଲରେ ପାଣି ଜମି ରଡ଼ ଦେଖାଯାଉ ନ ଥିବାରୁ ବାଇକଗୁଡ଼ିକ ଲିକ୍ ହୋଇଯାଉଛି। ବିଭାଗୀୟ ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ତିରିମଲ ବେଣାପଞ୍ଜରୀ, ବିଶିଆପଡା, ବେଗୁନିଆପଡା, କୁଆପଦା, ମୋଟରି, ଜଗଦଳପୁର ଆଦି ଗ୍ରାମବାସୀ ଦାବି କରିଛନ୍ତି।

# ୧୦ କେଜି ଭାଙ୍ଗ, ଗାଡ଼ି ଜବତ: ୨ ଗିରଫ

**କୃଷ୍ଣପ୍ରସାଦ,୨୭।୮(ଡି.ଏନ.ଏ.)**



ଗିରଫ ପ୍ରଦୀପ୍ତ କାଣ୍ଡି ଓ ସନ୍ତୋଷ ଗୌଡ଼।

ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ପୋଲିସ ମଙ୍ଗଳବାର ୧୦ କେଜି ଭାଙ୍ଗ ନେଇ ଯାଉଥିବା ଏକ ଇଣ୍ଡିଗୋ କାର୍ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବ୍ରହ୍ମଗିରି ଥାନା ଅଞ୍ଚଳର ପ୍ରଦୀପ୍ତ କାଣ୍ଡି ଓ ବାସେଳି ସାହି ଥାନା ଅଞ୍ଚଳର ସନ୍ତୋଷ କୁମାର ଗୌଡ। ସୂଚନାରୁ ପ୍ରକାଶ, ଆଇଆଇସି ଅଭିମନ୍ୟୁ ନାୟକ ନିଶା କାରବାର ବନ୍ଦ ପାଇଁ ପଦକ୍ଷେପ ଜାରି ରଖି ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଥିଲେ। ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ସବ୍ ଇନ୍ସପେକ୍ଟର ନାରାୟଣ ପ୍ରଧାନ ଜହ୍ନିକୁଦା ଘାଟ ପେଣ୍ଠ ନିକଟରେ ଚଢ଼ାଉ କରି ଭାଙ୍ଗ, ଏକ ଇଣ୍ଡିଗୋ ଗାଡ଼ି(ନଂ. ଓଡି ୧୩ବି ୮୧୧୧) ଜବତ କରିଥିଲେ। ଏ ନେଇ କୃଷ୍ଣପ୍ରସାଦ ପୋଲିସ କେସ୍ ନଂ ୧୦୧/୧୯ରେ ତଦନ୍ତ ଜାରି ରଖିଛି । ବୁଧବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

- ସିଦ୍ଧ ମହାବୀର ଫ୍ଲାଏ ଓଭରବ୍ରିଜ ପ୍ରସଙ୍ଗ

# ନିର୍ମାଣ କାର୍ଯ୍ୟ, ଜମି ଅଧିଗ୍ରହଣ ପ୍ରକ୍ରିୟା ତ୍ୱରାନ୍ୱିତ ଦାବି

**ପୁରୀ ଅଫିସ,୨୭।୮**

**ସ୍ୟାଣ୍ଡ ଆନିମେଶନରେ ବାଲୁକା ଶିଳ୍ପୀ ମାନସଙ୍କ ସମର୍ଥନ**

ପୁରୀ-କୋଣାର୍କ ଜାତୀୟ ରାଜପଥ ସିଦ୍ଧମହାବୀରଠାରେ ଫ୍ଲାଏ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ଦାବି କରିଛି ଜନ ଜାଗରଣ ମଞ୍ଚ। ଓଭରବ୍ରିଜ ନିର୍ମାଣ ନେଇ କେନ୍ଦ୍ର ଭୂପୃଷ୍ଠ ଓ ପରିବହନ ମନ୍ତ୍ରଣାଳୟ ମଞ୍ଜୁରୀ ପ୍ରଦାନ କରିଛନ୍ତି। ତେବେ ନିର୍ମାଣ କାର୍ଯ୍ୟ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏଥିଲାଗି ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବାକୁ ମଞ୍ଚ ପକ୍ଷରୁ ଦାବି ହୋଇଛି। ମଙ୍ଗଳବାର ଆଖଣ୍ଡଳମଣି ମନ୍ଦିର ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମଞ୍ଚ ସମ୍ପାଦକ ଭବାନୀଶଙ୍କର ପଣ୍ଡା, ସାମାଜିକ କର୍ମୀ ବାମଦେବ ନାୟକ, ଯୁବ ସଙ୍ଗଠକ ଚନ୍ଦ୍ରଶେଖର ମିଶ୍ର ଏବଂ ଅର୍ନ୍ତଜାତୀୟ ବାଲୁକା ଶିଳ୍ପୀ ମାନସ ସାହୁ ପ୍ରମୁଖ ଏହି ଦାବି ଉଠାଇଛନ୍ତି। ମଞ୍ଚ ସମ୍ପାଦକ ପଣ୍ଡା କହିଲେ, ପୁରୀ ଏକ ନ୍ତର୍ଜାତୀୟ ପର୍ଯ୍ୟଟନ ସହର। ବିଶ୍ୱର ଆଧ୍ୟାତ୍ମିକ କେନ୍ଦ୍ର ବିନ୍ଦୁ। ଦୈନିକ ଦେଶ ବିଦେଶରୁ ଲକ୍ଷାଧିକ ଲୋକ ଶ୍ରୀକ୍ଷେତ୍ରକୁ ଆସୁଛନ୍ତି। ବିଶ୍ୱ ପ୍ରସିଦ୍ଧ କୋଣାର୍କ ମନ୍ଦିର ଯିବା ଲାଗି ଏହି ରାସ୍ତା ସଂଯୋଗ କରୁଛି। ଅନ୍ୟପଟେ ପୁରୀକୁ ବିଭିନ୍ନ ଗନ୍ତବ୍ୟସ୍ଥଳରୁ ଦୈନିକ ୫୦ରୁ ଊର୍ଦ୍ଧ୍ୱ ଟ୍ରେନ ଚଳାଚଳ କରୁଛି। ଫଳରେ ପ୍ରତି ୧୦ମିନିଟରେ ରେଳ ଫାଟକ ବନ୍ଦ ରହୁଛି। ଏହି ସମୟରେ ଉଭୟ ପଟେ ଯାତ୍ରୀ, ସ୍ଥାନୀୟ ବାସିନ୍ଦା, ଛାତ୍ରୀଛାତ୍ର ଓ ରୋଗୀଙ୍କୁ ନେଇ ଆସୁଥିବା ଆମ୍ବୁଲାନ୍ସ ଅଟକି ରହୁଛି।

ଓଭରବ୍ରିଜ ନିର୍ମାଣ ଲକ୍ଷ୍ୟ ନେଇ ମଞ୍ଚ ଆବାହକ ଜ୍ୟୋତି ରଞ୍ଜନ ନାୟକଙ୍କ ନେତୃତ୍ୱରେ ୧ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଦସ୍ତଖତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ ଲାଗି ଗତ ଜୁନ ମାସରୁ ସେ ସିଂହଦ୍ୱାର ନିକଟରୁ ମହାପ୍ରଭୁଙ୍କ ଆଜ୍ଞା ନେଇ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ଦିଲ୍ଲୀ ଅଭିମୁଖେ ପଦଯାତ୍ରାରେ ଯାଇଛନ୍ତି। ଖବରଦାତା ସମ୍ମିଳନୀରେ ବାଲୁକା ଶିଳ୍ପୀ ମାନସ ସାହୁ ସ୍ୟାଣ୍ଡ ଆନିମେଶନ ମାଧ୍ୟମରେ ଉପରୋକ୍ତ ସମସ୍ୟା ସମ୍ପର୍କିତ ଭିଡିଓ ଦେଖାଇଥିଲେ।

- ପୂର୍ବ ଶତ୍ରୁତାରୁ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ ଘଟଣା

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ସମ୍ମୁଖରେ ଧାରଣା

**ଗୋପ, ୨୭।୮(ଡି.ଏନ୍.ଏ.)**



ମୃତା ମହିଳାଙ୍କ ସ୍ୱାମୀ ଶ୍ରୀକାନ୍ତଙ୍କ ସହ ଅନ୍ୟମାନେ ଥାନା ଆଗରେ ଧାରଣାରେ ବସିଛନ୍ତି।

ପୂର୍ବ ଶତ୍ରୁତାରୁ ଜଣେ ମହିଳାଙ୍କୁ ଆକ୍ରମଣ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ୨୨ ଦିନ ବିତିଥିଲେ ବି ପୋଲିସ ଅପରାଧୀଙ୍କୁ ଧରିବାରେ ସକ୍ଷମ ହୋଇପାରିନାହିଁ। ଏହାର ପ୍ରତିବାଦରେ ମଙ୍ଗଳବାର ଅପରାହ୍ଣରେ ଗୋପ ଥାନା ସମ୍ମୁଖରେ ମୃତ ମହିଳାଙ୍କ ସ୍ୱାମୀ ଶ୍ରୀକାନ୍ତ ସାହୁଙ୍କ ସହ ପରିବାର ପକ୍ଷରୁ ଧାରଣା ଦିଆଯାଇଥିଲା। ପରେ ନୂତନ ଭାବେ ଯୋଗ ଦେଇଥିବା ଥାନାଧିକାରୀ ସୁଧୀର କୁମାର ସାହୁ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଗୋପ ଥାନା ଅଧୀନ ଓଟାଙ୍ଗ ଗ୍ରାମର ଶ୍ରୀକାନ୍ତ ଓ କାଶୀନାଥ ସାହୁଙ୍କ ମଧ୍ୟରେ ପାରିବାରିକ ଏବଂ ଜମିଜମା ବିବାଦ ଲାଗି ରହିଥିଲା। ଗତ ୫ ତାରିଖରେ ଶ୍ରୀକାନ୍ତଙ୍କ ଅନୁପସ୍ଥିତିରେ ଯାଆ ରଶ୍ମିତା ଓ ଝିଆରୀ ମାମାଲି ମିଶି ସସ୍ମିତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସସ୍ମିତା ଘଟଣାସ୍ଥଳରେ ଗୁରୁତର ହୋଇପଡ଼ିଥିଲେ। ପରେ ତାଙ୍କୁ ଗୋପ ଡାକ୍ତରଖାନା ଅଣାଯାଇଥିଲା। ମାତ୍ର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ପୁରୀ ସଦର ହସ୍ପିଟାଲକୁ ପଠାଯାଇଥିଲା। ସେଠାରେ ଦୁଇଦିନ ଚିକିତ୍ସା ପରେ ଅଧିକ ଚିକିତ୍ସା ଲାଗି କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ୧୩ ତାରିଖ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ସସ୍ମିତାଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଥାନାରେ ୧୦୭/୧୯ ନମ୍ବରରେ ଏକ ମାମଲା ରୁଜୁ ହେବା ସହ ଯାଆ ରଶ୍ମିତାଙ୍କୁ ଗିରଫ କରାଯାଇଥିବାବେଳେ ଝିଆରୀ ମାମାଲି ଫେରାର ଅଛନ୍ତି।